# ମଣ୍ଡି ଖୋଲିବାରେ ବିଳମ୍ବ

■ ଏଯାଏ ଆସିନି ଟୋକନ ରିପୋର୍ଟ ■ ଧାନ ବିକ୍ରି ନେଇ ଚିନ୍ତାରେ ଚାଷୀ

**ବନ୍ତ,୨୨।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀମାନେ ଧାନ ବିକ୍ରି କର ନ ପାରି ଚିନ୍ତାରେ ପଡ଼ିଛନ୍ତି। ଚଳିତ ଖରିଫ ଋତୁରେ ଏହି ବ୍ଲକରୁ ଧାନ କ୍ରୟ କରିବା ପାଇଁ ୧୦ଟି ସେବା ସମବାୟ ସମିତି ସମେତ ରାମକୃଷ୍ଣପୁର, ରାମପୁର, ଛୟାଳସିଂ, ରାମଚନ୍ଦ୍ରପୁର ୪ଟି ପଞ୍ଚାୟତସ୍ତରୀୟ ମହିଳା ସଂଘଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଶୁକ୍ରବାର କ୍ଷେତ୍ରତୀରା ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲା ଯାଇଥିବାବେଳେ ଅବଶିଷ୍ଟ ସମିତିରେ ଅଦ୍ୟାବଧି ମଣ୍ଡି ଖୋଲାଯାଇ ପାରିନାହିଁ। ଗତ ୧୬ତାରିଖରୁ ଧାନ ବିକ୍ରି ପାଇଁ ଚାଷୀଙ୍କର ଟୋକନ୍ ପ୍ରକ୍ରିୟା କରାଯାଇଥିବା କୁହାଯାଉ ଥିଲେ ହେଁ ଅଦ୍ୟାବଧି ରିପୋର୍ଟ ଆସି ନାହିଁ। ଟିଲୋ ସମିତିରେ ୨୩, ଗଣିଜାଙ୍ଗରେ ୧୩, ପଧାନପଡ଼ାରେ ୧୫ଜଣ ଚାଷୀଙ୍କର ନାମ ଟୋକନ୍ ପ୍ରକ୍ରିୟା ଲାଗି ପଠାଯାଇଥିବା ସୂଚନା ମିଳିଛି।

ଚଳିତବର୍ଷ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଟୋକନ ପ୍ରକ୍ରିୟା କରାଯିବା ପରେ ଚାଷୀମାନେ କେତେ ପରିମାଣରେ ଓ କେଉଁ ଦିନ ଧାନ ବିକି ପାରିବେ ସେ ସମ୍ପର୍କରେ ସେମାନଙ୍କ ମୋବାଇଲକୁ ମେସେଜ୍ ଆସିବା ସହ ଏହାର ରିପୋର୍ଟ ସମ୍ପୃକ୍ତ ମଣ୍ଡିକୁ ପଠାଯିବା ବ୍ୟବସ୍ଥା କରାଯାଇଛି। ସେହିପରି ନାମମାତ୍ର ଓ କ୍ଷୁଦ୍ର ଚାଷୀମାନଙ୍କୁ ଗୁରୁତ୍ୱ ଦିଆଯାଇଛି। ଏକର ପିଛା ଜଣେ ଚାଷୀ ୧୯ କୁଇଣ୍ଟାଲ ଧାନ ବିକ୍ରୟ କରିବାର ନିୟମ ଥିବାବେଳେ ସେଥିରୁ ପରିବାରର ମୁଣ୍ଡ ପିଛା ୩ କୁଇଣ୍ଟାଲ ଧାନ ବାଦ୍ କରାଯିବା ବ୍ୟବସ୍ଥା ହୋଇଛି। ଏଥିସହ ଜଳସେଚିତ ଚାଷଜମି ପାଇଁ ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମି ଲାଗି ୧୩ କୁଇଣ୍ଟାଲ ହିସାବରେ ଚାଷୀ ଧାନ ବିକି ପାରିବେ। ମଣ୍ଡିରୁ ଧାନ କିଣିବା ପାଇଁ ଏହି ବ୍ଲକର ତୋଡଗାଁସ୍ଥିତ ଉମାପତି ରାଇସ୍ ମିଲ୍ ସହିତ ଚୁକ୍ତିନାମା ହୋଇସାରିଛି। ଧାନ କ୍ରୟ ନେଇ ନିଳୋକସ୍ଥିତ ଏନ୍ ଆଣ୍ଡ ବି ଫୁଡ୍ସ ରାଇସ୍ ମିଲ୍ ସମସ୍ତ କାଗଜପତ୍ର ଦାଖଲ କରିଥିବାରୁ ଖୁବ୍‌ଶୀଘ୍ର ଚୁକ୍ତିନାମା ହୋଇଯିବ ବୋଲି ଯୋଗାଣ ବିଭାଗ କହିଛି। ମଣ୍ଡି ଖୋଲିବାରେ ବିଳମ୍ବ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାଜ୍ ଅଲ୍ଲୀ ଖାନ୍‌ଙ୍କୁ ପଚାରିବାରୁ ସୋମବାର ସୁଦ୍ଧା କେତେକ ସ୍ଥାନରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟସ୍ଥାନରେ ମଣ୍ଡି ଖୋଲିବା ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ସୁବର୍ଣ୍ଣମୁଖୀ କ୍ରିକେଟ: ମଠଡିହକୁ ହରାଇଲା କୋରକଦାର କନକଦୁର୍ଗା

**ଧାମନଗର ୨୨।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ସ୍ଥିତ ଧରମ ପଡିଆରେ ସୁବର୍ଣ୍ଣମୁଖୀ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନନ୍ଦକିଶୋର ସଡଙ୍ଗୀ ଏବଂ ସମ୍ମାନନୀୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଦ୍ୱିବେଦୀ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଚାନ୍ଦବାଲି ବ୍ଲକ ମଠଡିହର ଜୟ ଶ୍ରୀରାମ ଟିମ୍ ଏବଂ ଧାମନଗର ବ୍ଲକ କୋରକଦାର କନକ ଦୁର୍ଗା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭର ଖେଳରେ ପ୍ରଥମେ ମଠଡିହ ଟିମ୍ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୬ ଓଭରରେ ୯୬ ରନ ସଂଗ୍ରହ କରିଥିଲା। ଜବାବରେ କୋରକଦା ଟିମ ୮ ଉଇକେଟ ହରାଇ ୧୧.୩ ବଲରେ ଆବଶ୍ୟକ ୯୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ବିବେକାନନ୍ଦ ସାମଲ ଏବଂ ନରେନ୍ଦ୍ର ପଣ୍ଡା ଏବଂ ମ୍ୟାଚ ରେଫରି ଭାବେ ତପନ ଦାସ ଓ ପ୍ରତାପ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଧାରା ବିବରଣୀ ଦେଇଥିଲେ ଅରୁଣ ପୃଷ୍ଟି।

### ମେଗା ସ୍ୱାସ୍ଥ୍ୟ ଶିବିର: ଚିକିତ୍ସିତ ହେଲେ ୮୫୦ ରୋଗୀ

**ଭଦ୍ରକ ଅଫିସ, ୨୨।୧୨:** ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଧାମରା ପୋର୍ଟ ସିଏସ୍ଆର୍ ବିଭାଗ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଜାଗୁଳା ରେଡ୍‌କ୍ରସ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ଆନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟଶିବିରରେ ପ୍ରାୟ ୮୫୦ ରୁ ଉର୍ଦ୍ଧ୍ୱ ରୋଗୀ ଏବଂ ଶିଶୁଙ୍କୁ ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା। ଆଦାନୀ ଫାଉଣ୍ଡେଶନ, କଟକ ସ୍ଥିତ ଅଶ୍ୱିନ ହସ୍ପିଟାଲ ଏବଂ ଜାଗୁଳା ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଗ୍ରାମବାସୀଙ୍କ ମଧୁମେହ ରୋଗର ପରୀକ୍ଷା କରାଯାଇ ସେମାନଙ୍କୁ ପରାମର୍ଶ ଦେବା ସହ ଔଷଧ ବିତରଣ କରାଯାଇଥିଲା। ଜାଗୁଳା ସରପଞ୍ଚ କାଞ୍ଚନବାଳା ମାହୁନ୍ତ ଏବଂ ଜିଲା ପରିଷଦ ସଦସ୍ୟା ସୁଭାସିନୀ ଦାସ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ବଳଭଦ୍ର ଲେଙ୍କା, ପ୍ରମୋଦ କୁମାର ନାୟକ ଉପସ୍ଥିତ ଥିଲେ। ଡା. ପ୍ରିୟାଂଶୁ ତ୍ରିପାଠୀ, ଡା. ଅଭିଷେକ ସ୍ୱାଇଁ, ଡା.ଚିନ୍ମୟ ବାରିକ, ଡା. ପ୍ରଫୁଲ୍ଲ ଦିକ୍ଷୀତ, ଡା. ମନାଲି ପଟ୍ଟନାୟକ , ଡା. ରଶ୍ମି ରଞ୍ଜନ ଦାସ ଏବଂ ଡା. ବିଜୟ କୁମାର ସାହୁ ପ୍ରମୁଖ ରୋଗୀଙ୍କୁ ଚିକିତ୍ସା କରିଥିଲେ। ଜାଗୁଳା ପଞ୍ଚାୟତର ସୁରେଶ ମାହୁନ୍ତଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

### ପଦ୍ମପୁରରେ ବାଳବିକାଶ ସମାବେଶ

**ପଦ୍ମପୁର, ୨୨।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ମା' କନକ ସୁନ୍ଦରୀ ମନ୍ଦିର ପ୍ରାଙ୍ଗଣରେ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରବବାର ବାଳବିକାଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ସକାଳେ ନଗର ସଙ୍କୀର୍ତ୍ତନ, ବାଳବିକାଶ ରାଲି, ବକ୍ତୃତା, ସଙ୍ଗୀତ, ନୃତ୍ୟ, ବେଦପଠନ ଓ ନାରାୟଣ ସେବା ଓ ସାମୂହିକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପୁସ୍ତକ ପ୍ରକାଶନ ପରିଚାଳକ ଡ. ସୁଧାଂଶୁ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସଦସ୍ୟ ପୀତାମ୍ବର ମିଶ୍ର, ଜିଲା ସଭାପତି ବୃନ୍ଦାବନ ଚନ୍ଦ୍ର ବେହେରା, ସମିତିର ଆବାହକ ସୁବାସ ଚନ୍ଦ୍ର ପଣ୍ଡା, ମହେଶ ଚନ୍ଦ୍ର ଦାସ, ଚାରୁଲତା ମିଶ୍ର, ଜଗତାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିନାୟକପୁର, ପଦ୍ମପୁର, ସୁଗୋ, ଏଡ଼ତାଳ, ଲୁଙ୍ଗା, ସାହାଡ଼ା, ମେଳକସାହି, ଅରଣ୍ଡୁଆ, ନରେନ୍ଦ୍ରପୁର ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୀତାକାନ୍ତ ଜେନା, ସଞ୍ଜୟ କୁମାର ଦାସ, ରମାକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତିଯୋଗିତାରେ ଭାଗ ନେଲେ ଶତାଧିକ ଛାତ୍ରୀଛାତ୍ର



ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଥାନାଧିକାରୀ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୨।୧୨:** ସ୍ଥାନୀୟ କର୍ମଚାରୀ ଭବନ ପରିସରରେ ରବିବାର ନେତାଜୀ ସୁଭାଷ ବାହିନୀ ପକ୍ଷରୁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉଦ୍‌ଘାଟକ ଭାବେ ପୁରୁଣାବଜାର ଥାନାଧିକାରୀ ଗଣେଶ୍ୱର ପ୍ରଧାନ ଯୋଗ ଦେଇ ଛାତ୍ରୀଛାତ୍ର ପ୍ରତିଯୋଗିତା ମୂଳକ ମନୋଭାବ ରଖିଲେ ଆଗକୁ ବଢ଼ିପାରିବେ ବୋଲି ପରାମର୍ଶ ଦେଇଥିଲେ। ସମ୍ପାଦକ ଅମିୟାଂଶୁ ସାହାଣୀ, ସହସମ୍ପାଦକ ସତ୍ୟସାଇ ପରିଡ଼ା, କୋଷାଧ୍ୟକ୍ଷ ବିକାଶ ଦାସ, ଉପସଭାପତି ଯୋଗେଶ ଶର୍ମା, ଶିବାନନ୍ଦ ଭଟ୍ଟାଚାଯର୍ୟ, ମନୋଜ ବାନାର୍ଜୀ, ସୌରଭ ଦାସ, ଦେବଜ୍ୟୋତି ରଥ, ଜ୍ଞାନରଞ୍ଜନ ପାଣିଗ୍ରାହୀ, ଉଦିତ ନାରାୟଣ ମହାନ୍ତି, ରଶ୍ମିରଞ୍ଜନ ସାହୁ, ରାଜେଶ କୁମାର ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଏଏକୁ ସମର୍ଥନ ଜଣାଇ ପଦଯାତ୍ରା

**ଭଦ୍ରକ ଅଫିସ, ୨୨।୧୨**



ଜାତୀୟ ପତାକା ସହ ପଦଯାତ୍ରାରେ ଏବିଭିପିର କର୍ମକର୍ତ୍ତା।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭଦ୍ରକ ଜିଲା ତରଫରୁ ରବିବାର ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ସମର୍ଥନ ଜଣାଇ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଜିଲା ସଂଯୋଜକ ସୌରଭ ପତିଙ୍କ ନେତୃତ୍ୱରେ ଶତାଧିକ ଯୁବଛାତ୍ର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟଠାରୁ ବାହାରି ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ଏବିଭିପିର ବାଲେଶ୍ୱର ବିଭାଗ ସହ ପ୍ରମୁଖ ସୁବ୍ରତ କୁମାର ଧଳ ପତାକା ଦେଖାଇ ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଭାରତର ୩ ପଡ଼ୋଶୀ ଦେଶରେ ଯେଉଁ ସଂଖ୍ୟାଲଘୁ, ହିନ୍ଦୁ, ଖ୍ରୀଷ୍ଟିଆନ, ପାର୍ସି, ଜୈନ, ବୌଦ୍ଧ ଧର୍ମାବଲମ୍ବୀ ଉତ୍ପୀଡ଼ନର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ରହିଆସୁଛନ୍ତି ସେମାନଙ୍କୁ କେନ୍ଦ୍ର ସରକାର ନାଗରିକତା ଦେବା ଲାଗି ଏହି ଆଇନ ଆଣିଥିବାରୁ ବିଦ୍ୟାର୍ଥୀ ପରିଷଦ ଭଦ୍ରକ ତରଫରୁ ଏହାକୁ ସମର୍ଥନ କରାଯାଇଥିଲା। ଉକ୍ତ ସଂଶୋଧନ ଆଇନକୁ ରାଜ୍ୟ ସରକାର ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ସମର୍ଥନ ଦେଇଥିବା ବେଳେ ଜାତୀୟ ନାଗରିକତା ପଞ୍ଜୀକରଣ (ଏନ୍ଆର୍‌ସି)କୁ ରାଜ୍ୟରେ ଲାଗୁ ନ କରିବାକୁ କହିବା ଘଟଣାକୁ ପଦଯାତ୍ରାକାରୀ ସମାଲୋଚନା କରି ଏହାକୁ ଓଡ଼ିଶାରେ ଲାଗୁ କରାଯାଉ ବୋଲି ଦାବି କରିଥିଲେ। ପଦଯାତ୍ରାରେ ସାମିଲ ଶତାଧିକ ଛାତ୍ରୀଛାତ୍ର ଏକ ବିରାଟ ତ୍ରିରଙ୍ଗା ପତାକାକୁ ଧରି ସହର ପରିକ୍ରମା କରିଥିଲେ। ଜିଲା ସଂଯୋଜକ ସୌରଭ ପତି, ଜିଲା ପ୍ରମୁଖ ବିକ୍ରମ ସାହୁ, ଜିଲା ସହ ପ୍ରମୁଖ ଜଗବନ୍ଧୁ ସାହୁ, ଜିଲା ସହ ସଂଯୋଜକ ରଜତ ମିଶ୍ର, କଳାମଞ୍ଚ ପ୍ରମୁଖ ଦିଲୀପ ଯେନା, ଭଦ୍ରକ ନଗର ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ଜିଲା ଛାତ୍ରୀ ସହ ପ୍ରମୁଖ ପୁଷ୍ପାଞ୍ଜଳି ସାହୁ, କିଶୋର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଆରଏସଏସ ଓ ଏବିଭିପିର କର୍ମମର୍ତ୍ତାଙ୍କ ସମେତ ଅର୍ଦ୍ଧନାରୀଶ୍ୱର ମହାସଂଘର ବହୁ କିନ୍ନର ସାମିଲ ହୋଇଥିଲେ।

# ନଡ଼ିଆକତା ଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଚାନ୍ଦବାଲି,୨୨।୧୨(ଡି.ଏନ.ଏ.)**

ଗରିବ, ବିଧବା, ଅସହାୟ, ନିସହାୟ, ଦଳିତ ପରିବାର ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ସହ ସେମାନଙ୍କୁ ସାବଲମ୍ବୀ କରିବା ପାଇଁ ଚାନ୍ଦବାଲି ସଂଗ୍ରାମ ସେନା ପକ୍ଷରୁ ସ୍ଥାନୀୟ ଏନଏସି ଅନ୍ତର୍ଗତ ପାଟୁଳୀ ଗ୍ରାମରେ ବାୟାବାବା କୟର ତାଲିମ କେନ୍ଦ୍ର ଖୋଲା ଯାଇଛି। ସଂଗ୍ରାମ ସେନାର ମୁଖ୍ୟ ସଂଗ୍ରାମ କେଶରୀ ରାଉତଙ୍କ ଏହି କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ପରିଚାଳିକା ମେନକା ମହାଲିକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଗ୍ରାମ ସେନାର ଆବାହକ ବୀରେନ୍ ସାହୁ ଓ ସୁକାନ୍ତ ନାୟକ ବକ୍ତବ୍ୟ ରଖିଥିଲେ। କଳ୍ପନା ବରାଳ, ଗାୟତ୍ରୀ ମଲ୍ଲିକ, ଗୟାଧର ଦାସ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।



ଶାରଦା ବିଦ୍ୟାମନ୍ଦିରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।

# 'ଜଗତକଲ୍ୟାଣ ଛାତ୍ରୀଛାତ୍ରଙ୍କ ଧେୟ ହେଉ'

**ଭଣ୍ଡାରିପୋଖରୀ, ୨୨।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସ୍ଥିତ ଶାରଦା ବିଦ୍ୟାମନ୍ଦିରଠାରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଲାଗି ରବିବାର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତାକରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ନିର୍ମଳ କୁମାର ସେନାପତି, ସୁଦେଷ୍ଣା ପାତ୍ର, ସୁସ୍ମିତା ସ୍ୱାଇଁ, ସୁଶାନ୍ତ କୁମାର ସେନାପତି, ପବନ କୁମାର ନାୟକ ଯୋଗ ଦେଇ ବିଦ୍ୟାର୍ଥୀମାନେ ବିଦ୍ୟାର୍ଜନ ସହ ମାନବ ପ୍ରେମର ପ୍ରଚାର ପ୍ରସାର କରିପାରିଲେ ଜଗତର କଲ୍ୟାଣ ହେବ ବୋଲି କହିଥିଲେ। ଦମୟନ୍ତୀ ଦାସ ଅତିଥି ପରିଚୟ ଦେଥିଲେ। ସ୍ନେହଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ ରାଉତ, ଚିତ୍ତରଞ୍ଜନ ନାୟକ, ରଶ୍ମିତା ରାଉତ, ସୁଜାତା ପଣ୍ଡା, ସନ୍ତୋଷ ପଣ୍ଡା ପିଲାମାନଙ୍କୁ ଆର୍ଶୀବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ପୌଢ଼ଭବନ ଉଦ୍‌ଘାଟନ ଉତ୍ସବରେ ଏମ୍‌ପି, ଅତିରିକ୍ତ ଏସ୍‌ପି, ପୂର୍ବତନ ବିଧାୟକ ଓ ଅନ୍ୟମାନେ।

# 'ବୟୋଜ୍ୟେଷ୍ଠଙ୍କୁ ଉଚିତ୍ ସମ୍ମାନ ମିଳୁ'

**ଭଦ୍ରକ ଅଫିସ, ୨୨।୧୨**

ସମାଜରେ ବୟୋଜ୍ୟେଷ୍ଠମାନଙ୍କୁ ଉଚିତ୍ ସମ୍ମାନ ଦେବା ଆମର କର୍ତ୍ତବ୍ୟ। ନିଜ ପୁଅଝିଅମାନେ ବଡ଼ ହେବା ପରେ ଯେଭଳି ଏହି କଥାକୁ ନ ଭୁଲନ୍ତି ସେଥିପାଇଁ ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ ବୋଲି ରାଣୀତାଲ ଠାରେ ବିରଜା ପୌଢ଼ଭବନ ଉଦ୍‌ଘାଟନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମତବ୍ୟକ୍ତ କରିଛନ୍ତି।

ରବିବାର ଭଦ୍ରକ ସହର ଉପକଣ୍ଠ ରାଣୀତାଲ ଠାରେ ବିରଜା ପୌଢ଼ଭବନ ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ମଣ୍ଡଳ କହିଥିଲେ, ବରିଷ୍ଠ ନାଗରିକଙ୍କୁ ଆଦର କରିବା ହିଁ ଭଗବାନଙ୍କ ସେବା କରିବା ସହ ସମାନ। ଏହି ସଭାରେ ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଉଦ୍ୟୋକ୍ତା ଭାବଗ୍ରାହୀ ପାଣିଗ୍ରାହୀ, କଲ୍ୟାଣୀ ପାଣିଗ୍ରାହୀ, ପରିଚାଳକ ଜୟନ୍ତ କୁମାର ସେନାପତି, ଅତିରିକ୍ତ ଏସ୍‌ପି କୈଳାଶ ଚନ୍ଦ୍ର ପରିଡ଼ା, ସମାଜସେବୀ ଜଗତଜୀବନ ପଣ୍ଡା, ଜଗଦଳପୁର ସରପଞ୍ଚ ବିଜୟ ମହାପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାଗୀରଥି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୃଦ୍ଧାଶ୍ରମରେ ଅବହେଳିତ ବୃଦ୍ଧାବୃଦ୍ଧଙ୍କ ଲାଗି ମାଗଣାରେ ରହିବା, ଖାଇବା ବ୍ୟବସ୍ଥା କରାଯାଇଛି।

# 'କଳାକାର ହେଉଛନ୍ତି ସଂସ୍କୃତିର ବାର୍ତ୍ତାବହ'

**ବାସୁଦେବପୁର, ୨୨।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କନ୍‌ଫରେନ୍ସ ହଲ୍ ପରିସରରେ ଶନିବାର ବ୍ଲକ କଳା ସଂସ୍କୃତି ସଂଘର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ବିଡିଓ ପ୍ରଣବ କୁମାର ବେହେରାଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ବ୍ଲକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚାନ୍ଦବାଲି ବ୍ଲକ ଉପସଭାପତି ତ୍ରିଲୋଚନ ପଣ୍ଡା, ଭଣ୍ଡାରିପୋଖରୀ ଉପସଭାପତି ରବୀନ୍ଦ୍ର ଜେନା, ବାସୁଦେବପୁର ଜିପିଇଓ ଅଶୋକ ଦାସ, ଡବ୍ଲ୍ୟୁଇଓ ଲିପିପୁଷ୍ପା ଦାସ, ବ୍ଲକ ଉପସଭାପତି ସନାତନ ପୁରୀ, ଯାତ୍ରା କଳାକାର କରୁଣାକର ମଲିକ, କାଳନ୍ଦୀ ମଲିକ ଓ ପାଲା କଳାକାର ଉମାକାନ୍ତ ହୋତା ପ୍ରମୁଖ ସଭାରେ ବକ୍ତବ୍ୟ ରଖିଥିଲେ। କଳାକାରମାନଙ୍କ ଦାବି ଓ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। କଳାକାରମାନେ ସଂସ୍କୃତିର ବାର୍ତ୍ତାବହ ବୋଲି ବିଡିଓ ବେହେରା କହିଥିଲେ। ବାସୁଦେବପୁର ବ୍ଲକ କଳାକାର ସଂଘ ସଦସ୍ୟ ବନମାଳୀ ବାରିକ ମଞ୍ଚ ପରିଚାଳନା କରିଥିଲେ। ଗୌରହରି ଧୂପାଳ ବେଦପାଠ, ଗୋବର୍ଦ୍ଧନା ରଣା ଓ ପଦ୍ମାବତୀ ମାଝୀ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିଥିଲେ। କପିଳନାଥ ଶର୍ମା ଅତିଥି ପରିଚୟ ଓ ବ୍ଲକ ଉପସଭାପତି ସନାତନ ପୁରୀ ସ୍ୱାଗତ ଭାଷଣ ଦେଇଥିଲେ।

4th Birthday Wish



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ନୀରୋଗ ରଖନ୍ତୁ ଏବଂ ତୋର ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ।
ଶୁଭେଚ୍ଛା ସହ
Loving Father, Sweet Mama & all relatives.
ଧ-୧୫୬୮୦

# ବିଷ ପିଇ ସ୍କୁଲ ଛାତ୍ରଙ୍କ ଆତ୍ମହତ୍ୟା

**ବାସୁଦେବପୁର, ୨୨।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନନ୍ଦପୁର ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ଶନିବାର ଭଦ୍ରକ ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସେ ବିଷ ପିଇ ଦେବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇ ପରେ ଭଦ୍ରକ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ତେବେ କେଉଁ କାରଣ ପାଇଁ ସେ ବିଷ ପିଇଲେ ତାହା ସ୍ପଷ୍ଟ ହୋଇପାରି ନ ଥିବା ସୂଚନା ମିଳିଛି।

BABA POLY CLINIC
NEAR CENTRAL BANK, ASTAL, NAYA BAZAR, BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. RAJESH SENAPATI | (ହାଡ଼ ଓ ଗଣ୍ଠି ରୋଗ) ପ୍ରତି ସପ୍ତାହ ମଙ୍ଗଳବାର ଓ ଶନିବାର ସକାଳ ୧୦ଟାରୁ ୨ଟା |
| DR. N.K. PATHI (Kolkata) | (ଆଣ୍ଠୁ ଓ ଗଣ୍ଠି ରୋଗ) ପ୍ରତ୍ୟେକ ସପ୍ତାହ ବୁଧବାର ଓ ରବିବାର ସକାଳ ୧୦ଟାରୁ ୨ଟା |
| DR. GIRIJA SHANKAR MOHANTA (Cuttack) | (କାନ, ନାକ ଓ ଗଳା ବିଭାଗ) ପ୍ରତ୍ୟେକ ବୁଧବାର ସକାଳ ୧୦ଟାରୁ ୧ଟା |
| DR. DEBASISH NANDA (BBSR) | (ମୁଣ୍ଡ ଏବଂ ଗଳା ବିଭାଗ) ପ୍ରତ୍ୟେକ ରବିବାର ସକାଳ ୯ଟାରୁ ୧୨ଟା |
| DR. RITESH KUMAR BHOOT (BBSR) | (ସ୍ନାୟୁ ବିଭାଗ), ପରାମର୍ଶ ସମୟ: ପ୍ରତ୍ୟେକ ମାସ ୨ୟ ବୁଧବାର ସକାଳ ୧୧ଟାରୁ ୧ଟା ଓ ମାସ ୪ର୍ଥ ରବିବାର ୧୧ଟାରୁ ୧ଟା |
| DR. DHIRAJ KUMAR PANDA (BBSR) | (ମଧୁମେହ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ମାସ ୩ୟ ଶୁକ୍ରବାର ଦିବା ୧୧ଟାରୁ ୧ଟା |
| DR. CHANDAN KU. RAY MOHAPATRA (BBSR) | (ହୃଦ୍ ବିଭାଗ) ପ୍ରତ୍ୟେକ ମାସ ୩ୟ ରବିବାର ଦିବା ୧୦ଟାରୁ ୧ଟା |





ଜିଲାସ୍ତରୀୟ ସାରସ୍ୱତ ଆସର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# 'ସମାଜର ବିକାଶ ଲାଗି ସାହିତ୍ୟର ସ୍ୱର ଶାଣିତ ହେଉ'

**ଭଦ୍ରକ ଅଫିସ, ୨୨।୧୨:** ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ରବିବାର ଜିଲାସ୍ତରୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ନାଟକ ଏକାଡେମୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ଉଦ୍‌ଘାଟକ ଭାବେ ଯୋଗ ଦେଇ ସାହିତ୍ୟର ବିକାଶ ପାଇଁ ସାରସ୍ୱତ ଆସର ଓ ସାରସ୍ୱତ ସାଧକଙ୍କ ମେଳି ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ସାହିତ୍ୟ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାହିତ୍ୟିକ ଶୈଳେନ୍ଦ୍ର ମହପାତ୍ର ମୁଖ୍ୟଅତିଥି ଏବଂ ବରିଷ୍ଠ ସାହିତ୍ୟିକ ଡ. ପ୍ରମୋଦ କୁମାର ନାୟକ, ଓଡ଼ିଶା ସାହିତ୍ୟ ଏକଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ବରିଷ୍ଠ ସାହିତ୍ୟିକ ଡ. ହୃଷୀକେଶ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ସମାଜର ବିକାଶ ଓ ହିତରେ ସାହିତ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ। ଯେଉଁ ସାହିତ୍ୟ ଜଗତର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହେଁ ତାହା କେବେ କାଳଜୟୀ ହୋଇପାରେ ନାହିଁ। ଏଣୁ ସାହିତ୍ୟ ସାଧକମାନେ ସମାଜର ଉନ୍ନତି ପାଇଁ କଲମର ମୁନକୁ ଶାଣିତ କରିବା ଦରକାର।

କାର୍ଯ୍ୟକ୍ରମର ଦ୍ୱିତୀୟ ସୋପାନରେ ସାହିତ୍ୟ ଆସର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। 'ଓଡ଼ିଆ ଜାତୀୟତାବାଦୀ ସାହିତ୍ୟକୁ ଭଦ୍ରକର ଦାନ' ଶୀର୍ଷକ ଆଲୋଚନା ଚକ୍ରରେ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ପୌରୋହିତ୍ୟ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଗଦାଧର ବଳ, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଅଧ୍ୟାପକ ନୀହାର ରଞ୍ଜନ କର, ଡ. ସୁଧାଂଶୁ ଶେଖର ନାୟକ, ଡ. ଅଞ୍ଜଳି ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।ପରେ ଗୀତିକାର ନିର୍ମଳ ରାଉତଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶୀତଳ କୁମାର ବେହେରା ଓ ରବି ନାରାୟଣ ଖିଲାର ଅତିଥି ଭାବେ ଯୋଗ ଦେଇଥିଲେ। ରଶ୍ମିତା ଦାଶ, ମମତା ରାଣୀ ଦାଶ ସଂଯୋଜନା କରିଥିଲେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସାରଦା ମହାକୁଡ଼
ସ୍ଥାନ: ପଥରଗାଡ଼ିଆ, ଭୁବନେଶ୍ୱର
ତୋର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଚାହୁଁ ଚାହୁଁ ଏକବର୍ଷ ହୋଇଗଲା। ଏ ତେଲ, ଲୁଣ ସଂସାରରୁ ଚାଲି ଯିବାର କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୭୬୪

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ହାରାମଣୀ ସାହୁ
ରାଣୀପଡ଼ା, ଗୋବିନ୍ଦପୁର, କଟକ
ତିରୋଧାନ: ୧୩।୧୨।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର-ସନାତନ ସାହୁ, ଅକ୍ଷୟ କୁମାର ସାହୁ, ଅନିରୁଦ୍ଧ ସାହୁ, ରମେଶ ଚନ୍ଦ୍ର ସାହୁ, କନ୍ୟା-ଅନ୍ନପୂର୍ଣ୍ଣା ସାହୁ, ଜ୍ୱାଇଁ- ଅଜୟ କୁମାର ସାହୁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୫୮୬୪

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଲକ୍ଷ୍ମୀଧର ଦାଶ
ଅବସରପ୍ରାପ୍ତ କୃଷି ଅଧିକାରୀ
ଗୋଳବାଇ, ଖୋର୍ଦ୍ଧା
ଆବିର୍ଭାବ: ୧୧।୦୩।୧୯୪୩
ତିରୋଧାନ: ୧୨।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ଝିଅ-ଜ୍ୱାଇଁ: ଲିଲି ଓ ଦିଲ୍ଲୁ, ବଡ଼ପୁଅ-ବୋହୂ: ସଂଜୀବ ଓ ସଂଗୀତା, ସାନପୁଅ-ବୋହୂ: ମାଧବ-ରାନୀ, ନାତିମାନେ ଓ ନାତୁଣୀ: ହିଲ୍ଲୁ, ସିଲୁ, ସୂର୍ଯ୍ୟ, ସପନି ଓ ବନ୍ଧୁବର୍ଗ।
ଧ-୬୮୭୩୭

## ସଂକ୍ଷେପରେ

### ମାନବିକତା ଦେଖାଇଲେ ମନୋଜ

ଖଇରା, ୨୨।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗ ଗ୍ରାମ ନିବାସୀ ମନୋଜ କୁମାର ବେହେରା ରବିବାର ନିଜ ମାନବିକତାର ପରିଚୟ ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଶ୍ରବଣ କୁମାର ନାମକ ସଙ୍ଗଠନରେ କୋଷାଧକ୍ଷ ଭାବେ କାର୍ଯ୍ୟ କରୁଥିବା ମନୋଜ ସକାଳେ ନହଙ୍ଗ ହାଇସ୍କୁଲ ସମ୍ମୁଖରେ ଜଣେ ମହିଳା ସଂଜ୍ଞାହୀନ ଅବସ୍ଥାରେ ପଡିଥିବା ଦେଖିଥିଲେ। ତୁରନ୍ତ ସେ ନିଜର କେତେକ ସହଯୋଗୀଙ୍କ ସହ ତାଙ୍କୁ ଉଠାଇ ପାଣି ଛାଟି ଖୁଆଇ ପିଆଇ ସୁସ୍ଥ କରିଥିଲେ। ମହିଳାଜଣକ ଶ୍ୱଶୁର ଘର ଲୋକଙ୍କ ମାଡ ସହି ନ ପାରି ପଳାଇ ଆସିଥିବା କହିବା ପରେ ତାଙ୍କୁ ମନୋଜ ଖଇରା ଥାନାକୁ ନେଇ ଯାଇଥିଲେ । ପୋଲିସ ଆଗରେ ତାଙ୍କ ନାମ ବର୍ଷାରାଣୀ ଦାସ । ଶ୍ୱଶୁର ଘର ସିମୁଳିଆ ଥାନା ଅଡା ପଞ୍ଚାୟତ ଅଧୀନ ଚନ୍ଦ୍ରପଡା ଓ ବାପଘର ଅର୍ଜୁନପୁର ଗ୍ରାମରେ ବୋଲି କହିଥିଲେ। ଏଥିସହ ତାଙ୍କ ୨ଟି ଛୋଟ ଛୋଟ ପିଲାଙ୍କୁ ଶ୍ୱଶୁର ଘର ଲୋକେ ଅଟକାଇ ରଖିଛନ୍ତି । ରାତିରେ ତାଙ୍କୁ ନିସ୍ତୁକ ମାଡ ମରାଯିବାରୁ ସେ ଭୟରେ ଘରୁ ପଳାଇ ଆସିଥିବା ପୋଲିସ ଆଗରେ କହିଥିଲେ। ଖଇରା ଓ ସିମୁଳିଆ ପୋଲିସର ମିଳିତ ସହଯୋଗ ୨ଶିଶୁ ପୁତ୍ରଙ୍କୁ ଶ୍ୱଶୁର ଘର ଲୋକଙ୍କ ନିକଟରୁ ଉଦ୍ଧାର କରାଯାଇ ଉକ୍ତ ମହିଳାଙ୍କୁ ପ୍ରଦାନ କରାଯିବା ସହ ମା' ପୁଅଙ୍କୁ ତାଙ୍କ ବାପଘର ଅର୍ଜୁନପୁରରେ ଛଡାଯାଇଛି ।

### ମେଶିନ ତଳେ ଚାପି ହୋଇ ଶ୍ରମିକ ମୃତ

ଖଇରା, ୨୨।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ଥାନା ନନ୍ଦୁର ଗ୍ରାମର ମୁକୁନ୍ଦ ସିଂ (୪୦) ଶନିବାର ରାତିରେ ଥ୍ରେସର ମେଶିନ ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ଏ ସମ୍ପର୍କରେ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୫/୧୯) ରୁଜୁ କରାଯାଇଛି । ବୁଧବାର ରାତିରେ ଧାନ ଝାଡିବା ପାଇଁ ମୁକୁନ୍ଦ ମେଶିନରେ ବସି କଲରାପାଳ ଗ୍ରାମକୁ ଯାଉଥିଲେ। ସେ ମେଶିରୁ ତଳକୁ ଖସି ପଡିବା ପରେ ଚାପି ହୋଇ ମୃତ୍ୟୁବରଣ କରିଥିବା କେତେକ ଗ୍ରାମବାସୀ କହିଛନ୍ତି । ସେପଟେ ଧାନକାମ ସାରି ଘରକୁ ଫେରୁଥିବା ବେଳେ ଗାଡି ଧକ୍କାରେ ପ୍ରାଣ ହରାଇଥିବା ଗ୍ରାମ କେତେକ ବ୍ୟକ୍ତି କହିଛନ୍ତି । ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଶବ ବ୍ୟବଚ୍ଛେଦ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ତଦନ୍ତକାରୀ ଅଧିକାରୀ ବାସୁଦେବ ମହାନ୍ତି କହିଛନ୍ତି ।

### ଯୋଗ ପ୍ରଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ

ଔପଦା, ୨୨।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାର ନିକଟସ୍ଥ ଶ୍ରୀଅରବିନ୍ଦ ଭବନ ପରିସରରେ ରବିବାର 'ଆର୍ଟ ଅଫ୍ ଲିଭିଂ' ପକ୍ଷରୁ ଯୋଗ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଏକ ଭବ୍ୟ କାର୍ଯ୍ୟକ୍ରମରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଭାରତୀୟ ଜାତୀୟ କୌଶଳ ବିକାଶ ମନ୍ତ୍ରାଳୟ ଦ୍ୱାରା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ପରିସରଭୁକ୍ତ 'ଆର୍ଟ ଅଫ୍ ଲିଭିଂ'ର ଯୋଗ ପ୍ରଶିକ୍ଷକ ମନୋରଞ୍ଜନ ସ୍ୱାଇଁଙ୍କ ଉପସ୍ଥିତିରେ ୧୫ଦିନିଆ ଯୋଗ ପ୍ରଶିକ୍ଷଣ ଶିବିରରେ କୃତକାର୍ଯ୍ୟ ହୋଇଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୋଗ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସନ୍ଥ ସଚ୍ଚିଦାନନ୍ଦ ଯୋଗଦେଇଥିଲେ। ଯୋଗ ପ୍ରଶିକ୍ଷଣ ଶିବିରର ସଂଯୋଜକ ମନୋରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜଗଦାନନ୍ଦ କର, ଗଣେଶ ପାଢ଼ୀ, ସୂର୍ଯ୍ୟକାନ୍ତ ଦାସ, ପରମେଶ୍ୱର କବି, ଗୌରାଙ୍ଗ ସେଠୀ, ଜୟନ୍ତ ପୁଥାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ରୂପ୍‌ସା, ୨୨।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରାବାଦ ଗ୍ରାମର ଧର୍ମପରାୟଣ ମହିଳା ରଙ୍ଗମଣି ସାହୁଙ୍କର ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ମୃତଦେହ ଗାଁ ବାସଭବନକୁ ଅଣାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ ପୂର୍ବକ ମରଶରୀରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତ୍ୟୁରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ୧୨ ବର୍ଷ ହେଲା ବିଛଣାରେ ନିବେଦିତା

ବାଲେଶ୍ୱର ଅଫିସ, ୨୨।୧୨-

**ଆଶାରେ ଦିନ ବିତାଉଛନ୍ତି ମା'ବାପା**



ବିଛଣାରେ ନିବେଦିତା ଶୋଇଛନ୍ତି।

ମା' ବାପା ଗରିବ ହୋଇଥିଲେ ବି ମନୋବଳ ହରାଇନାହାନ୍ତି। ଦୀର୍ଘ ୧୨ବର୍ଷ ଧରି ନିଜ ରୋଗଣା ଝିଅ ନିବେଦିତାକୁ ଯତ୍ନର ସହ ଲାଳନପାଳନ କରିଆସୁଛନ୍ତି। ଅର୍ଥାଭାବ କାରଣରୁ ତା'ର ଚିକିତ୍ସା କରାଇପାରୁନାହାନ୍ତି। ଜନ୍ମ ହେବାପରଠାରୁ ନିବେଦିତା ସବୁବେଳେ ଶଯ୍ୟାଶାୟୀ ହୋଇ ରହିଛନ୍ତି। ଶାରୀରିକ ବିକାଶ ଘଟିଥିଲେ ମଧ୍ୟ ସେହି ଅନୁପାତରେ ମାନସିକ ବିକାଶ ହୋଇପାରିନାହିଁ। ମସ୍ତିଷ୍କ ଜନିତ ରୋଗ କାରଣରୁ ସ୍ୱାଭାବିକ ଜୀବନ ଜିଇବା ନିବେଦିତାଙ୍କ ପାଇଁ ସମ୍ଭବ ହୋଇନାହିଁ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ହରିପୁର ପଞ୍ଚାୟତ ବାଲିଆନୂଆସାହି ଅଞ୍ଚଳର ନିବେଦିତାଙ୍କ ମା' ବାପା ଗରିବ ତଥା ଭୂମିହୀନ। ବାପା ସତ୍ୟନାରାୟଣ ଦାସ କଚେରି ପାଖ ରାସ୍ତାରେ ପନିପରିବା ବିକି ପରିବାର ଚଳାଉଛନ୍ତି। ନିବେଦିତାଙ୍କୁ ମିଶାଇ ତାଙ୍କର ତିନି ଝିଅ ଅଛନ୍ତି। ବଡ ଝିଅକୁ ପାଠ ପଢାଇ ନ ପାରିବାରୁ ସେ ଦଶମ ଶ୍ରେଣୀରୁ ପାଠ ଛାଡିଛନ୍ତି। ମଝିଆ ଝିଅକୁ ବହୁ କଷ୍ଟରେ କଲେଜ ପଠାଉଛନ୍ତି। ସାନଝିଅ ଜନ୍ମ ହେବା ପରଠାରୁ ରୋଗଗ୍ରସ୍ତ ହୋଇ ବିଛଣାରେ ପଡିରହିଛନ୍ତି। ସାନଝିଅକୁ ଠିକ୍ କରିବା ଲାଗି ମା'ବାପା ୫ବର୍ଷ ପର୍ଯ୍ୟନ୍ତ ନିଜର ସାମର୍ଥ୍ୟ ମୁତାବକ ଅର୍ଥ ଖର୍ଚ୍ଚ କରି ଶେଷରେ ହାର୍ ମାନିଛନ୍ତି। ଡାକ୍ତର ତାଙ୍କୁ ୯୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଥିବାରୁ ଏହାକୁ ଘରେ ସାଇତି ରଖିଛନ୍ତି। ହେଲେ ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ ନିବେଦିତାଙ୍କୁ ଏଯାଏ କୌଣସି ସହାୟତା ମିଳିନାହିଁ। କେବଳ ଝିଅ ନିବେଦିତା ନୁହେଁ ସତ୍ୟନାରାରାୟଣ ମଧ୍ୟ ଜଣେ ଭିନ୍ନକ୍ଷମ। ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ବେଳେ ହଠାତ୍ ତାଙ୍କ ଡାହାଣ ପାର୍ଶ୍ୱ ଆଖିରେ ଯନ୍ତ୍ରଣା ହୋଇଥିଲା। ସେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା କରାଇଥିଲେ। କିନ୍ତୁ ଭଲ ନ ହେବାରୁ ତାଙ୍କୁ ଗୋଟିଏ ଆଖି ହରାଇବାକୁ ପଡ଼ିଲା। ଏଥିଲାଗି ସରକାରଙ୍କ ପକ୍ଷରୁ ତାଙ୍କୁ ୩୦ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ବିବାହ ପରେ ସତ୍ୟନାରାୟଣ ବାପା ଓ ଭାଇଙ୍କଠାରୁ ଅଲଗା ହୋଇ ବାଲିଆନୂଆସାହି ଅଞ୍ଚଳରେ ରହିଆସୁଛନ୍ତି। ଜୀବନ ସଂଗ୍ରାମରେ ହାର ମାନି ନ ଥିବା ସତ୍ୟନାରାୟଣ କଚେରି ପାଖ ରାସ୍ତାରେ ପରିବା ଦୋକାନ କରି ପରିବାର ଚଳାଇ ଆସୁଛନ୍ତି। କିନ୍ତୁ ସାନଝିଅର ଯନ୍ତ୍ରଣା ତାଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ନିବେଦିତାଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ସକାଶେ ସେ ଅନେକଙ୍କୁ ଗୁହାରି କରି ନିରାଶ ହୋଇଛନ୍ତି। ସେ ଓ ତାଙ୍କ ଝିଅ ନିବେଦିତା ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ବି ସରକାରଙ୍କ ତରଫରୁ ତାଙ୍କୁ ଘର, ଭତ୍ତା କିମ୍ବା ରାଶନ ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଇନାହିଁ। ଏହି ଗରିବ, ଅସହାୟ ମା'ବାପ ଦିବ୍ୟାଙ୍ଗ ଝିଅର ଦୈନନ୍ଦିନ ଯତ୍ନ ନେବାରେ ଅବହେଳା କରିନାହାନ୍ତି। ସରକାରଙ୍କ ସୁଦୃଷ୍ଟି ପଡିବ ଓ ତାଙ୍କ ଝିଅ ସୁସ୍ଥ ହେବ ବୋଲି ଏହି ଆଶା ରଖି ସେମାନେ ଦିନ ବିତାଉଛନ୍ତି।

## ଅରବିନ୍ଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ: ନୂଆସାହି ବିଜୟୀ



ଅତିଥି ମାନଙ୍କ ଗହଣରେ ଉଭୟ ରନର୍ସଅପ୍ ଓ ଚାମ୍ପିୟନ ଦଳ।

ସିମୁଳିଆ, ୨୨।୧୨ (ଡି.ଏନ.ଏ.)

ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନ (ମା)ର ବରିଷ୍ଠ କ୍ରୀଡ଼ାବିତ ସ୍ୱର୍ଗତଃ ଅରବିନ୍ଦ ରାୟଚୌଧୁରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ବିଜୁପଟ୍ଟନାୟକ ମିନି ଷ୍ଟାଡ଼ିୟମ ପରିସରରେ ଦିବସବ୍ୟାପୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ନୂଆସାହି ଫୁଟବଲ ଟିମ୍ ସହିତ ହାର୍ଡପେପ୍‌ସି ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆସାହି ୧.୦ ଗୋଲରେ ହାର୍ଡ଼ପେପ୍‌ସିକୁ ପରାଜିତ କରି ବିଜୟୀ ହୋଇଥିଲା। ଉଭୟ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ସିଲଡ଼ ଓ କପ୍ ସହିତ ଅର୍ଥରାଶି ପୁରସ୍କୃତ କରାଯାଇଥିଲା।

ଅତିଥି ଭାବେ ରଘୁନାରାୟଣ ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା, ମହେଶ୍ୱର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର ପ୍ରମୁଖ ଥିଲେ। ଉଦଘାଟନୀ ଉତ୍ସବର ଅତିଥି ରୂପେ ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନର ସଭାପତି ରମାକାନ୍ତ ପଣ୍ଡା, ପୂର୍ବତନ ସମ୍ପାଦକ ଗୋଲକ ଚନ୍ଦ୍ର ବେହେରା, ଅରବିନ୍ଦ ରାୟଚୌଧୁରୀ, ରାମକୃଷ୍ଣ ରାୟଚୌଧୁରୀ ଥିଲେ। ରେଫରୀ ରୂପେ ସିମୁଳିଆ କଲେଜର କ୍ରୀଡା ଅଧ୍ୟାପକ ବାଇଧର ମହାକୁଡ, ଅଶେଷ ପାତ୍ର, ସୁବ୍ରତ ବେହେରା ଓ ରତିକାନ୍ତ ମିଶ୍ର ଥିଲେ। ବିଭିନ୍ନ ଟିମ୍ ମଧ୍ୟରେ ମାର୍କୋଣା, ରାଣିତାଲ, ବାଲିଆପାଳ, ନୂଆସାହି, ଦରଡ଼ା, ଧୋବଗଡ଼ିଆ ଓ ଶ୍ରୀରାମପୁର ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ।

## ଗଣିତ ଦିବସ ପାଳିତ

ଭୋଗରାଇ, ୨୨।୧୨ (ଡି.ଏନ.ଏ.)

ବିଜ୍ଞାନ ଚେତନା ମଞ୍ଚ, ଭୋଗରାଇ ଶାଖା ପକ୍ଷରୁ ବିବେକାନନ୍ଦ ବିଦ୍ୟାମନ୍ଦିର ଓ ଦେବପୂଜନ ଶିକ୍ଷାସଦନ ପରିସରରେ ରବିବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୋଗରାଇ ବ୍ଲକର ସମସ୍ତ ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମିଳିତ ସହଯୋଗରେ ଛାତ୍ରୀଛାତ୍ରମାନଙ୍କର ଗାଣିତିକ ବୁଦ୍ଧି ପରୀକ୍ଷା, ଗଣିତ ଶିକ୍ଷକ ନାଟକ ପରିବେଷଣ କରାଯାଇଥିଲା। ଶିକ୍ଷକ ନନ୍ଦଦୁଲାଲ ବେଜଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ପ୍ରବୀଣ ଗଣିତ ଅଧ୍ୟାପକ ଯାଦବାନନ୍ଦ ମୁଦୁଲି, ମୁଖ୍ୟବକ୍ତା ଭାବେ ରାଜ୍ୟ ଗଣିତ ପ୍ରଶିକ୍ଷକ ଶୁକଦେବ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ଶିକ୍ଷକ ହରିହର ପାତ୍ର, ସୌଭାଗ୍ୟ ଦେ, ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି ପ୍ରମୁଖ ଗଣିତ ପ୍ରୟୋଗ ଦ୍ୱାରା ମଣିଷର ନିର୍ଭୁଲ ତଥ୍ୟ ପାଇପାରୁଛି ବୋଲି ମତପ୍ରକାଶ କରିଥିଲେ। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ମାତାପିତାଙ୍କୁ ଭକ୍ତିପୂତ ପୂଜାର୍ଚ୍ଚନା ଓ ଆଶୀର୍ବାଦ ଭିକ୍ଷା ନିଆରା ଆକର୍ଷଣ ଥିଲା। ଅପରପକ୍ଷରେ ସନ୍ଧ୍ୟାରେ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବରେ ପୌରୋହିତ୍ୟ କରିଥିଲେ ମାଧ୍ୟମିକ ଶିକ୍ଷକ ସଂଘର ସମ୍ପାଦକ ନଟରଞ୍ଜନ ଘରାଇ। ମୁଖ୍ୟଅତିଥି ଭାବେ ପୂର୍ବତନ ନୋଡ଼ାଲ ଅଫିସର ଉତ୍ସବ କୁମାର କର, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସ, ସମ୍ମାନନୀୟ ଅତିଥି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୀପକ ଦାସ ପ୍ରମୁଖ ଯୋଗଦେଇଥିଲେ। ଗଣିତ ଶିକ୍ଷକ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ଇମାମୀ ପକ୍ଷରୁ ରୋଗୀଙ୍କ ଲାଗି ଚେୟାର ବ୍ୟବସ୍ଥା



ଜିଲା ମୁଖ୍ୟ ଚିକିତ୍ସାଳୟରେ ଏୟାରପୋର୍ଟ ଚେୟାରକୁ ଜିଲାପାଳ ଲୋକାର୍ପଣ କରୁଛନ୍ତି।

ବାଲେଶ୍ୱର ଅଫିସ, ୨୨।୧୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ବସିବା ଲାଗି ଇମାମୀ ପେପର ମିଲ୍ ପକ୍ଷରୁ ୩୦ ଏୟାରପୋର୍ଟ୍ ଚେୟାରକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରବିବାର ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇମାମୀ ପେପର ମିଲ୍‌ସର ଏଜିଏମ୍ ମନୋଜ କୁମାର ପାଢ଼ୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଫକୀରମୋହନ ମେଡ଼ିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧୀର କୁମାର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ଚାନ୍ଦିପୁର ବେଳାଭୂମିରେ ସଫେଇ

■ ଜିଲାପାଳ, ଏସ୍‌ପି ଓ ଛାତ୍ରୀଛାତ୍ର ସାମିଲ

ବାଲେଶ୍ୱର ଅଫିସ,୨୨।୧୨

ବାଲେଶ୍ୱର ଜିଲା ଚାନ୍ଦିପୁର ସ୍ୱର୍ଣ୍ଣିମ ବେଳାଭୂମିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଜିଲା ପ୍ରଶାସନ ଓ ହୋଟେଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏକ ମେଗା ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହର ସମେତ ସ୍ଥାନୀୟବିଦ୍ୟାଳୟଗୁଡ଼ିକରପ୍ରାୟ ୧ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କ୍ରୀଡ଼ା ଛାତ୍ରାବାସ, ଦୀନଦୟାଲ ଗ୍ରାମୀଣ କୌଶଳ କେନ୍ଦ୍ରର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ବାଲେଶ୍ୱର ସାମାଜିକ ସେବା ସମିତିର ସଦସ୍ୟାସଦସ୍ୟଗଣ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫେଇ କରିଥିଲେ।

ଛାତ୍ରୀଛାତ୍ରମାନଙ୍କୁ ସଫେଇ ସକାଶେ ହାତରେ ଗ୍ଲୋଭସ୍ ଲଗାଇ ପରିତ୍ୟକ୍ତ ବସ୍ତୁ ଉଠାଇବାକୁ ସଫେଇ ପୂର୍ବରୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ନିୟୋଜିତ ପ୍ରାୟ ୨୦ଜଣ କ୍ରୀଡ଼ା ଶିକ୍ଷକ ୧୦ଟି ଦଳରେ ଛାତ୍ରୀଛାତ୍ରଙ୍କୁ ବିଭକ୍ତ କରି ବେଳାଭୂମିରେ ବୁଲି ଜରି, କାଗଜ, ଶୋଲ, ପ୍ଲାଷ୍ଟିକ ପାଉଚ୍ ଖୋଲ, ପଇଡ଼ ଖୋଲ, ଥର୍ମୋକୁଲ, ଛିଣ୍ଡା ମାଛଧରା ଜାଲ, କାଠିକୁଟା ଆଦିକୁ ସଫେଇ କରି ଏକ ସ୍ଥାନରେ ଜମା କରିଥିଲେ। କାର୍ଯ୍ୟରେ ସହଯୋଗ ପାଇଁ ଦୁଇଟି ଟ୍ରାକ୍ଟର ଏବଂ ଗୋଟିଏ ଜେସିବିକୁ କାର୍ଯ୍ୟରେ ଲଗାଯାଇଥିଲା। ଏସବୁ କାର୍ଯ୍ୟକୁ ତଦାରଖ ପାଇଁ ଜିଲାପାଳଙ୍କ ସମେତ ଏସ୍‌ପି ବି. ଯୁଗଳ କିଶୋର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଜିଲା ମଙ୍ଗଳ ଅଧିକାରୀ ରାଜୀବଲୋଚନ ସାହୁ, ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁ, ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକ, ଜିଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆଙ୍କ ସମେତ ହୋଟେଲ ଆସୋସିଏଶନ ତରଫରୁ ବିପ୍ଳବ ମହାନ୍ତି, ଉଜ୍ଜ୍ୱଳ ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଗାଇଡ଼ କରିଥିଲେ। ସଫେଇରେ ସଂଗୃହୀତ ବର୍ଜ୍ୟବସ୍ତୁକୁ ଗୋଟିଏ ସ୍ଥାନରେ ସଂଗ୍ରହ କରି ପରେ ତାକୁ ନିଆଁରେ ପୋଡ଼ି ଦିଆଯାଇଥିଲା।



ଚାନ୍ଦିପୁର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମରେ ଜିଲାପାଳ ଓ ଏସପି ସାମିଲ ହୋଇ ଉପସ୍ଥିତ କରୁଛନ୍ତି।

## ଆଦର୍ଶ ମଣିଷ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବିଧାୟକ ପର୍ଶୁରାମ ଧଡା କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ବାହାନଗା, ୨୨।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ଆଦର୍ଶ ମଣିଷ ଗଠନରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଶିକ୍ଷକ ଦିବାକର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଜିଲାର ଆଇନଜୀବୀ ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ତଥା ସାହିତ୍ୟକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବିଦ୍ୟାଧର ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରୁହିଆ ଟୁଡୁ, ଗୋପାଳପୁର ସମିତିସଭ୍ୟା ତୁଷାରକାନ୍ତି ମହାପାତ୍ର, ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିରାମ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଉପାଦେୟ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ତରଫରୁ ପୂଜ୍ୟପୂଜାର ଗାରିମା ବଜାଇ ରଖିବା ହେତୁ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ୧୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦୧୯ ଶିକ୍ଷାବର୍ଷରେ ବିଭିନ୍ନ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ରମଣିକାନ୍ତ ମିଶ୍ର ଓ ଶିକ୍ଷୟିତ୍ରୀ ଲିଲିମା ପଣ୍ଡା । ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କୃତୀ ଛାତ୍ରୀଛାତ୍ର ପୁରସ୍କୃତ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ,୨୨।୧୨

ବାଲେଶ୍ୱର ସେଣ୍ଟ୍ରାଲ ସ୍କୁଲ ଛକସ୍ଥିତ ଶ୍ରୀ ଜଗନ୍ନାଥ ଆବାସିକ ବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଗ୍ୟ ସହିତ ସ୍ୱପ୍ନ ମଣିଷକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇପାରିବ ବୋଲି ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା କୁଳମଣି ବାରିକ ଯୋଗଦେଇ ମାଟିର ଭାଷାକୁ ବଞ୍ଚାଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ବିଦ୍ୟାଳୟ ଅଧ୍ୟକ୍ଷ ରବିନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୋନାଲି ପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚତୁର୍ଭୁଜ ମଲ୍ଲିକ, ସମ୍ମାନିତ ବକ୍ତା ଭାବେ କବି ପ୍ରଶାନ୍ତ ଦାସ, ଅଭ୍ୟର୍ଥନା ସମିତି ଅଧ୍ୟକ୍ଷ ତଥା ବିଦ୍ୟାଳୟର ଚେୟାରମ୍ୟାନ୍ ଗଙ୍ଗାଧର ଜେନା ଓ ବିଦ୍ୟାଳୟର ସମ୍ପାଦିକା ଲକ୍ଷ୍ମୀପ୍ରିୟା ଜେନା ବକ୍ତବ୍ୟ ଦେଇଥିଲେ। କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ନିତ୍ୟାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜାତୀୟ ସେବା ଶିବିର




ଶିବିର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକ।

ରସାଲପୁର, ୨୨।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଖାନନଗର ପଞ୍ଚାୟତ ବାଙ୍ଗରା ଗ୍ରାମରେ ଅବସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଶିବିର ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶିବିର ୭ଦିନ ଧରି ଚାଲୁ ରହିବ। ବର୍ଜ୍ୟବସ୍ତୁ ପରିଚାଳନା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ସଚେତନତା, ଯୋଗ ଏବଂ ମାନବିକ ମୂଲ୍ୟବୋଧ ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ଶିକ୍ଷା ଦେବାକୁ ସଭାରେ ପ୍ରସ୍ତାବ ଆଗତ ହୋଇଛି।

ଶିବିରରେ ଯୁକ୍ତ ୩ କଲେଜ ସଭାପତି ଭଗବାନ ଚନ୍ଦ୍ର ରାଉତ, ସମ୍ପାଦକ ରାଜେନ୍ଦ୍ର ରାଉତ, ବାଙ୍ଗରା ନୋଡ଼ାଲ ସ୍କୁଲ ପ୍ରଧାନଶିକ୍ଷକ ପାତ୍ର ସିଂ, ସଭାପତି ନରିଆ ମହାନ୍ତିଙ୍କ ସମେତ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଭରତ କୁମାର ଘଡ଼ିଆ ଏବଂ ଅଧ୍ୟାପିକା ଶର୍ମିତା ସାହୁ ପରିଚାଳନା କରିଥିଲେ। ଯୁକ୍ତ ୨ କଲେଜର ଅଧ୍ୟାପକ ଜଗତାନନ୍ଦ ବିଶ୍ୱାଳଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ଛାତ୍ର ସୁନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଡିସେମ୍ବର ୨୩/୨୦୧୯ Balasore, Monday, December 23/2019

## ସଂକ୍ଷେପରେ

### ସର୍ବଭାରତୀୟସ୍ତରରେ ସ୍ନେହା ପୁରସ୍କୃତ



**ଭଦ୍ରକ ଅଫିସ, ୨୨।୧୨:** ବରଗଡ଼ସ୍ଥିତ ଆର୍ଟ ଓ କ୍ରାଫ୍ଟ ବିଦ୍ୟାଳୟ 'କଳା କଳ୍ପନା' ପକ୍ଷରୁ ୧୧ତମ ସର୍ବଭାରତୀୟ ଚିତ୍ରକଳା ପ୍ରଦର୍ଶନୀରେ ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ସ୍ନେହା ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚକୋଟୀର ଚିତ୍ର ପ୍ରଦର୍ଶନ ପାଇଁ ତାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟର ଚିତ୍ରଶିଳ୍ପୀ ଭାଗ ନେଇ ମୋଟ ୨୨୦୦ ଚିତ୍ର ପ୍ରଦର୍ଶନ କରିଥିଲେ। ସ୍ନେହା ଭଦ୍ରକ ପୌରାଞ୍ଚଳ ସାମରାଇପୁର ବିଜୁ ପଟ୍ଟନାୟକ ନଗରର ଶରତ ଚନ୍ଦ୍ର ଦାସ ଓ ସୁପ୍ରଭା ଦାସଙ୍କ ଝିଅ। ସେ ତାଙ୍କ ତୂଳୀରେ ଜୀବନ୍ତ ଚିତ୍ର ଆଙ୍କି ସ୍କୁଲ, ବ୍ଲକ, ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିଛନ୍ତି।

### ଶୈକ୍ଷିକ ଅଗ୍ରଗତିରେ ଭଣ୍ଡାରିପୋଖରୀ ପ୍ରଥମ

**ଭଣ୍ଡାରିପୋଖରୀ, ୨୨।୧୨ (ଡି.ଏନ.ଏ.):** ପ୍ରାଥମିକ ଶିକ୍ଷାର ବିଭିନ୍ନ ଦିଗ ଯଥା ଶୈକ୍ଷିକ, ସହ ଶୈକ୍ଷିକ, ଭିତ୍ତିଭୂମି, ମଧ୍ୟାହ୍ନ ଭୋଜନ ପରିଚାଳନାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ପ୍ରତ୍ୟେକ ମାସ ଆକଳନ କରାଯାଏ। ଗତ ନଭେମ୍ବରରେ ଓଡ଼ିଶାରେ ଶୈକ୍ଷିକ ଅଗ୍ରଗତି କ୍ଷେତ୍ରରେ ଭଣ୍ଡାରିପୋଖରୀ ବ୍ଲକକୁ ପ୍ରଥମ ସ୍ଥାନ ମିଳିଥିବାରୁ ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଇଓ ଏହାର ଶ୍ରେୟ ଏବିଇଓ ଅଭିମନ୍ୟୁ ପ୍ରଧାନ, ପୁରୁଷୋତ୍ତମ ଧଳ, ସମସ୍ତ ସିଆର୍‌ସିସି, ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି। ଆଗାମୀ ଦିନରେ ଏହାକୁ ବଜାୟ ରଖିବାକୁ ବିଇଓ ଆହ୍ୱାନ ଦେବା ସହ ଅଧ୍ୟୟନରତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଛନ୍ତି।

## ବାଲି ଚୋରି ରୋକିବାରେ ପ୍ରଶାସନ ନାଚାର

# ଘାଟରେ ଖୋଳାଗଲା ନାଳ

**ଭଣ୍ଡାରିପୋଖରୀ, ୨୨।୧୨ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀର ବିଭିନ୍ନ ଘାଟରୁ ଚୋରାରେ ବାଲି ପରିବହନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ବାଲିଚୋରିକୁ ରୋକିବା ପାଇଁ ତହସିଲ ପକ୍ଷରୁ ଏକ ସ୍କ୍ୱାଡ ଗଠନ କରାଯାଇ ବିଭିନ୍ନ ଘାଟରେ ଚଢ଼ାଉ କରାଯାଉଛି। ବାଲି ମାଫିଆମାନେ ଆଗୁଆ ସୁରାକ ପାଇ ଘାଟରୁ ଗାଡ଼ି ଉଠାଇ ଫେରାର ହେଉଯାଉଥିବାରୁ ସ୍କ୍ୱାଡକୁ ଖାଲି ହାତରେ ଫେରିବା ସାର ହେଉଛି। ତେବେ ଶନିବାର ତହସିଲ ପକ୍ଷରୁ ଏକ ସ୍କ୍ୱାଡ ବୈତରଣୀ ନଦୀର ବାଲିପୋଖରୀ ପଞ୍ଚାୟତର କୁମ୍ଭାରିଆଠାରେ ଦୁଇଟି ଘାଟ ଓ ବାଲିପୋଖରୀ ଏସ୍‌କେପ୍‌ଠାରେ ଦୁଇଟି ସ୍ଥାନ ସମେତ ଅନ୍ୟ ଏକ ସ୍ଥାନରେ ନଦୀ ଭିତରକୁ ଗାଡ଼ି ଯାଇ ବାଲି ଯେମିତି ଆଣି ନ ପାରିବ ସେଥିଲାଗି ଜେସିବି ସାହାଯ୍ୟରେ ୭ ଫୁଟ ଗଭୀର ଓ ୨୫ ରୁ ୩୦ ଫୁଟ ଲମ୍ବର ନାଳ ଖୋଳିଛନ୍ତି। ବାଲି ଚୋରି ରୋକିବା ସକାଶେ ତହସିଲ ସ୍କ୍ୱାଡକୁ ସହଯୋଗ କରିବା ଲାଗି ଥାନାରୁ ଆସିଥିବା ଏକ ଟିମ୍ ରବିବାର ସକାଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ, ସୁପରଭାଇଜର ରବୀନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତିରେ ତହସିଲର ବନ୍ଧାଳୋ, ମଜିଆଳୀ, ଝୁଟଣା ଆଦି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ କେହି ଧରାପଡ଼ି ନ ଥିଲେ। ତେବେ ସେମାନେ ଫେରିବା ସମୟରେ ୧୬ ନଂ ଜାତୀୟ ରାଜପଥର ଭାଗଡ଼ା ନିକଟରୁ ଏକ ବାଲି ବୋଝେଇ ହାଇୱା ଟ୍ରକ ଭଦ୍ରକ ଆଡ଼କୁ ଯାଉଥିବା ଦେଖି ଅଟକାଇଥିଲେ। ଚାଳକ ୱାଇ ଫର୍ମ ପୂରଣ ହୋଇଥିବା ଦେଖାଇବା ସତ୍ତ୍ୱେ ଦସ୍ତଖତ ନ ଥିବାରୁ ହାଇୱାଟିକୁ ଜବତ କରି ଭଣ୍ଡାରିପୋଖରୀ ଥାନାରେ ରଖାଯାଇଛି। ରବିବାର ଥିବାରୁ ଜରିମାନା ଆଦାୟ ହୋଇନାହିଁ। ଏହି ତହସିଲର ମଣିନାଥପୁର, ମୁଢ଼ାପଦା ଅଞ୍ଚଳରୁ ରାତିରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବାରୁ ଏହାକୁ ରୋକିବା ପାଇଁ ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ ରାତିରେ ସ୍କ୍ୱାଡ ନେଇ ବିଭିନ୍ନ ଘାଟରେ ଚଢ଼ାଉ କରିବେ ବୋଲି ସୂଚନା ମିଳିଛି।



ଜେସିବି ଲଗାଇ ନାଳ ଖୋଳାଯାଉଛି।

## ଦାୟିତ୍ୱରେ ଅବହେଳା ନେଇ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ଧାମନଗର ୨୨।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ମିର୍ଘାହାଟକୂଳ ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ପରିତ୍ୟକ୍ତ ପାଇଖାନାରେ ଜଣେ ୩ୟ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଯୁବକ ବଳାତ୍କାର କରିବା ଘଟଣା ଆଲୋଡନ ସୃଷ୍ଟି କରିଥିଲା। ଗତ ୧୬ ତାରିଖରେ ଘଟିଥିବା ଏହି ଘଟଣା ସମ୍ପର୍କରେ ଧୂଷୁରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ଯୁବକ ଶଶିକାନ୍ତ ମଲିକଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ପିଲାଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ପ୍ରତିକ୍ରିୟାରେ କିଛି ଜାଣି ନ ଥିବା ମନ୍ତବ୍ୟ ଦେଇଥିଲେ। ତେବେ ଶିକ୍ଷା ବିଭାଗ ପକ୍ଷରୁ ଧାମନଗର ବିଇଓ ପବିତ୍ର ମୋହନ ବାରିକ ତଦନ୍ତ କରିଥିଲେ। ଦାୟିତ୍ୱରେ ଅବହେଳା କରିଥିବା ନେଇ ବିଭାଗ ପକ୍ଷରୁ ଚିଠି ନଂ. ୨୯୬୯/ତା।୨୦।୧୨।୧୯ରିଖରେ ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ମଲିକଙ୍କୁ ନିଲମ୍ବନ କରାଯାଇଥିବା ବିଇଓ ସୂଚନା ଦେଇଛନ୍ତି।

## ଆଇନଜୀବୀ-ପାର୍କିଂ କର୍ମଚାରୀ ମୁହାଁମୁହିଁ

**ସଜନାଗଡ଼, ୨୨।୧୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ପାର୍କିଂ କର୍ମଚାରୀ ଓ ଆଇନଜୀବୀମାନେ ରବିବାର ମୁହାଁମୁହିଁ ହୋଇଛନ୍ତି। ଏନେଇ ଆଇନଜୀବୀ ସଂଘ ପକ୍ଷରୁ ନୀଳଗିରି ଥାନାରେ ଏତଲା ଦିଆଯାଇଛି। ରବିବାର ବାସୁଦେବପୁର ବାର୍ ଆସୋସିଏଶନର ସଦସ୍ୟମାନେ ଏକ ବସ୍‌ରେ ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲେ। ଗଲାବେଳେ ଶହେ ଟଙ୍କାର ପାର୍କିଂ ରସିଦ୍ କାଟିଥିଲେ। ଦର୍ଶନ ସାରି ଉକ୍ତ ବସ୍‌ରେ ଫେରୁଥିବାବେଳେ ପାର୍କିଂ କର୍ମଚାରୀ ପାର୍କିଂ ଫି' ମାଗିଥିଲେ। ଆଇନଜୀବୀମାନେ ରସିଦ୍ ଦେଖାଇବାରେ ଅଳ୍ପ ବିଳମ୍ବ ହେବାରୁ ସେମାନେ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଏ ନେଇ ସଂଘ ପକ୍ଷରୁ ଆଇନଜୀବୀ ସଞ୍ଜୟ କୁମାର ବେହେରା ଲିଖିତ ଅଭିଯୋଗ କରଛନ୍ତି। ଏ ସମ୍ପର୍କରେ ଆଇଆଇସି ମିନତୀ ବିଶ୍ୱାଳ କହିଛନ୍ତି, ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର ପରିତାପର ବିଷୟ। ପାର୍କିଂ ଷ୍ଟାଣ୍ଡର କର୍ମକର୍ତ୍ତାଙ୍କୁ ଥାନାକୁ ଡକାଇ ତାଗିଦ୍ କରାଯିବ।

## ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ଦାବି

# ନିର୍ମାଣ କାର୍ଯ୍ୟ ବନ୍ଦ କଲେ ଲୋକେ

**ସୋର, ୨୨।୧୨ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ଦାବିରେ ସୋର ନାଗରିକ ମଞ୍ଚ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ରବିବାର ନିର୍ମାଣାଧୀନ କାର୍ଯ୍ୟକୁ ବନ୍ଦ କରିଥିଲେ। ପରେ ପୋଲିସର ହସ୍ତକ୍ଷେପ ପରେ ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ପ୍ରକଳ୍ପ ଏନ୍‌ଏଚ୍‌ଆଇ ଦ୍ୱାରା ଅନୁମୋଦନ ନ ହେବା ପର୍ଯ୍ୟନ୍ତ ପୋଲ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯିବା ପାଇଁ ପ୍ରୋଜେକ୍ଟ ମ୍ୟାନେଜର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

୧୬ନମ୍ବର ଜାତୀୟ ରାଜପଥ ୪ ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣ ବେଳେ ଏନ୍‌ଏଚ୍‌ଆଇର ଦୂରଦୃଷ୍ଟି ଅଭାବରୁ ସୋର ଭଳି ୬ଟି ବ୍ଲକକୁ ସଂଯୁକ୍ତ କରୁଥିବା ଗୁରୁତ୍ୱପୂର୍ଣ୍ଣ ଉତ୍ତରେଶ୍ୱର ଛକରେ ଏକ ସଂକୀର୍ଣ୍ଣ ଗଳାପୋଲ ନିର୍ମାଣ କରି ଛାଡ଼ି ଦିଆଯାଇଥିଲା। ସେତେବେଳେ ସୋରବାସୀ ଏହାକୁ ପ୍ରତିବାଦ କରିବା ସହ ଧାରଣା ଓ ଆନ୍ଦୋଳନ କରିଥିଲେ। ସେତେବେଳେ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା। ଗତ ୭ତାରିଖରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ସୋର ବିଧାୟକ ପର୍ଶୁରାମ ଧଡ଼ା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଏନ୍‌ଏଚ୍‌ଆଇ ପ୍ରୋଜେକ୍ଟ ଡାଇରେକ୍ଟର ପି. ନାଗେଶ୍ୱର ରାଓଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ସୋରଠାରେ ପହଞ୍ଚି ଏହି ସ୍ଥାନ ପରିଦର୍ଶନ କରିଥିଲେ। ଏହି ଉପୁଜୁଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସୋରରେ ସବୁଠାରୁ ବଡ଼ ସମସ୍ୟା ଭାବେ ଦେଖାଦେଇଥିବା ଉତ୍ତରେଶ୍ୱର ଗଳାପୋଲକୁ ଭାଙ୍ଗି ଦିଆଯାଇ ସମ୍ପ୍ରସାରଣ କରାଯିବା ସହିତ ଅଧିକ ଉଚ୍ଚତା କରିବା ପାଇଁ ଲୋକେ ଦାବି କରିଥିଲେ। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପିଡି ରାଓ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଥିପ୍ରତି କୌଣସି ଦୃଷ୍ଟି ଦିଆ ନ ଯାଇ ଗଳାପୋଲ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ନାଗରିକ ମଞ୍ଚ ତରଫରୁ ନବକିଶୋର ଦାସ, ନେତ୍ରାନନ୍ଦ ରାଉତ, ଖଗେନ୍ଦ୍ର ପ୍ରଧାନ, ମାୟାଧର ନାୟକ, ଶୁକଦେବ ନାୟକ, ନିତ୍ୟାନନ୍ଦ କର, ଦାମୋଦର ଦାଶମହାପାତ୍ର, ଉଦ୍ଧବ ବିଶ୍ୱାଳ, କମଳାକାନ୍ତ ଘଡ଼େଇ, ଶଙ୍କର୍ଷଣ ବାରିକ, ଜୟରାମ ଦାସ, ରଂଜନ ଦାସ, ଲିଆକତ୍ ଅଲ୍ଲୀ, ଅମୀୟ ପଟ୍ଟନାୟକ, ପ୍ରଦୀପ ମିଶ୍ର, ଯତୀନ୍ଦ୍ର କୁମାର ଦାସ, ଲୋକନାଥ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଲୋକ ବରଫକଳ ଛକରେ ପହଞ୍ଚି କାର୍ଯ୍ୟ ବନ୍ଦ ପାଇଁ ଆନ୍ଦୋଳନ କରିଥିଲେ। ସୋର ଆଇଆଇସି ଶ୍ରୀବଲ୍ଲଭ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଦାବି ଅନୁସାରେ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ପ୍ରକଳ୍ପ ମଞ୍ଜୁର ନ ହେବା ପର୍ଯ୍ୟନ୍ତ ବରଫକଳ ଛକ ପୋଲ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯିବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## କୋଇଲା ଚୋରା ଚାଲାଣ ବେଳେ ୨ଟ୍ରକ ଜବତ

**ବାସୁଦେବପୁର, ୨୨।୧୨ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ପାରାଛକ ନିକଟରୁ ବାସୁଦେବପୁର ପୋଲିସ ଶନିବାର ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ଚୋରା କୋଇଲା ଭର୍ତ୍ତି ୨ଟି ଟ୍ରକକୁ ଜବତ କରିଛି। ଏହି ଟ୍ରକରେ ଧାମରାରୁ ଚୋରା କୋଇଲା ବୋଝେଇ ହୋଇ ରାଜ୍ୟ ବାହାରକୁ ଚାଲାଣ ହେଉଥିଲା। ପୋଲିସ ଜବତ କରିଥିବା ଟ୍ରକ ଦୁଇଟିର ନମ୍ବର ହେଲା ଡବ୍ଲ୍ୟୁ ବି ୩୩ ବି ୦୭୫୩ ଓ ଡବ୍ଲ୍ୟୁ ବି ୩୩ ଇ ୧୪୯୯। ଗିରଫ ଦୁଇ ଟ୍ରକ ଡ୍ରାଇଭର ହେଲେ ପଶ୍ଚିମବଙ୍ଗ ମେଦିନିପୁର ଗ୍ରାମର ପ୍ରଭାସ ବେରା ଓ କ୍ରିଷ୍ଣପଦ ମହନ୍ତ। ଗିରଫ ଦୁଇ ଟ୍ରକ ଡ୍ରାଇଭରଙ୍କୁ ବାସୁଦେବପୁର ପୋଲିସ ରବିବାର ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଧାମରା ବନ୍ଦରାଞ୍ଚଳକୁ ବିଦେଶରୁ ଜଳ ଜାହାଜ ଯୋଗେ ଆସୁଥିବା କୋଇଲାକୁ ଚୋରା ବେପାରୀଙ୍କ ହାତେଇ ରାଜ୍ୟ ବାହାରକୁ ପ୍ରତିଦିନ ଏପରି ଚୋରା ଚାଲାଣ କରୁଥିବା କୁହାଯାଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ବାସୁଦେବପୁର ପୋଲିସ ଏହି ଚୋରା କୋଇଲା ଜବତ ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛି।



ଗିରଫ ଟ୍ରକ ଡ୍ରାଇଭର ସହ ପୋଲିସ।

## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ବସ୍ତା, ୨୨।୧୨ (ସ୍ୱ.ପ୍ର.):** ବସ୍ତା ଥାନା ୬୦ନଂ. ଜାତୀୟ ରାଜପଥର ଗୋଡିଖାଳ ନିକଟରେ ଏକ ଟାଟା ଏସିଇ ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। କୁଳିଦା ପଞ୍ଚାୟତ ଜୁଣବଳଦା ଗ୍ରାମନିବାସୀ ଭରତ ରାଉତଙ୍କ ସ୍ତ୍ରୀ ଲକ୍ଷ୍ମୀ(୪୦) ନିଜ ଘରକୁ ଯାଉଥିବା ବେଳେ ତାଙ୍କ ପଛପଟୁ ଗାଡି (ନଂ.ଓଡି-୦୧ଏସି-୬୫୯୩) ଧକ୍କା ଦେବା ଯୋଗୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ ବସ୍ତା ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅମର୍ଦ୍ଦାରୋଡ ଫାଣ୍ଡି ଜମାଦାର ରସାନନ୍ଦ ବେହେରା ଏକ ମାମଲା (ନଂ.୪୨୫/୧୯) ରୁଜୁ କରି ତଦନ୍ତ ଜାରି ରଖଛନ୍ତି।

## ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସମ୍ମିଳନୀ

# 'ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ'

**ବାଲେଶ୍ୱର ଅଫିସ, ୨୨।୧୨**

ବାଲେଶ୍ୱର ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ୧୪ଶ ସମ୍ମିଳନୀ ସହଦେବଖୁଣ୍ଟାସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ପ୍ରଫେସର ଅନନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିବାବେଳେ ଇଂ. ଡ. ହୃଷିକେଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଆଇଟିଆର୍ ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଉଦ୍ୟମ ଫଳରେ ବାଲେଶ୍ୱରରେ ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ବରିଷ୍ଠ ନାଗରିକମାନଙ୍କ ସ୍ୱପ୍ନ ସହ ସମସ୍ତ ଜିଲାବାସୀଙ୍କ ଅକୁଣ୍ଠ ସହଯୋଗ ଯୋଗୁ ଏହି ସ୍ୱପ୍ନ ସାକାର ହୋଇପାରିଛି। ସମସ୍ତ ବିକାଶମୂଳକ କାର୍ଯ୍ୟରେ ଜିଲାବାସୀ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମଦନମୋହନ ଦତ୍ତ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଗିରିଶ ଚନ୍ଦ୍ର ଦାଶ, ରାଜଧାନୀ କମିଟିର ସଭାପତି ଡ. ଅଦ୍ୱୈତ ପ୍ରସାଦ ପାତ୍ର ସ୍ୱାସ୍ଥ୍ୟ ସେବା ପାଇଁ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କର ଲଗାତର ଉଦ୍ୟମକୁ ଉଚ୍ଚପ୍ରଶଂସା କରିଥିଲେ। ନୀଳଗିରି ସବଡିଭିଜନ୍ ଅଧୀନ ବରହମପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁରଜ କୁମାର ଜେନାଙ୍କୁ ନିରନ୍ତର ସ୍ୱାସ୍ଥ୍ୟସେବା ପାଇଁ କମିଟି ତରଫରୁ ମାନପତ୍ର ଓ ଉପାୟନ ସହ ସମ୍ମାନିତ କରାଯାଇଥିଲା। କମିଟିର ପୃଷ୍ଠପୋଷକ ସଦସ୍ୟମାନଙ୍କୁ ସଙ୍ଗଠନର ପ୍ରମାଣପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର-୨୦୧୯ ଉନ୍ମୋଚିତ ହୋଇଥିଲା।

ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ା ଦୀର୍ଘ ୧୪ ବର୍ଷ ଧରି କ୍ରିୟାନୁଷ୍ଠାନ କମିଟିକୁ ସହଯୋଗ ପ୍ରଦାନ କରିଥିବା ଜିଲାବାସୀଙ୍କୁ ଧନ୍ୟବାଦ ଜଣାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ମେଡ଼ିକାଲ କଲେଜ ସଂଲଗ୍ନ ୫୦୦ ଶଯ୍ୟା ବିଶିଷ୍ଟ ହସପିଟାଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଆସନ୍ତା ଦୁଇବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ କରିବା, ଏମ୍‌ସ ସାଟେଲାଇଟ୍ ସେଣ୍ଟର ବହିର୍ବିଭାଗ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରାଇବା, ମଞ୍ଜୁରୀପ୍ରାପ୍ତ ଆୟୁଷ ହସ୍‌ପିଟାଲ ଓ ନର୍ସିଂ କଲେଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ବାଲେଶ୍ୱରରେ ଫାର୍ମାସିଷ୍ଟ, ଆୟୁର୍ବେଦିକ କଲେଜ ଓ ମାନସିକ ରୋଗୀ ଚିକିତ୍ସାଳୟ ପ୍ରତିଷ୍ଠା, ମେଡ଼ିକାଲ କଲେଜରେ ସ୍ନାୟୁରୋଗ, ହୃଦ୍‌ରୋଗ ଆଦି ବିଭାଗ ଖୋଲିବା ଏବଂ ଅନ୍ୟ ସମସ୍ତ ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବା, ଜିଲାରେ ବିଭିନ୍ନ ସରକାରୀ ଡାକ୍ତରଖାନାରେ ଖାଲିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ କରିବା ଦାବି ହାସଲ ପାଇଁ କ୍ରିୟାନୁଷ୍ଠାନ କମିଟିକୁ ଅଧିକ ସୁସଙ୍ଗଠିତ ହେବାକୁ ବିବରଣୀରେ ଆହ୍ୱାନ ଦେଇଥିଲେ। ଉପସଭାପତି ପ୍ରଭାକର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଜିଲା କମିଟି ଓ ବିଭିନ୍ନ ବ୍ଲକ କମିଟି, ଆଞ୍ଚଳିକ କମିଟି ତରଫରୁ ଇଂ. ବନମାଳୀ ନାୟକ, ନିରଞ୍ଜନ ରାଉତ, ଶମ୍ଭୁନାଥ ମହାନ୍ତି, ଭଗବାନ ରାଉତ, ଦିଲୀପ ଗିରି, ପ୍ରଦୀପ ଦାସ, ନବକିଶୋର ଦାସ, ଜୟରାମ ଜେନା, ନାରାୟଣ ପ୍ରସାଦ ସାହୁ, କୁମୁଦ ରଞ୍ଜନ ଗିରି, ଶ୍ରଦ୍ଧାଞ୍ଜଳି ରାୟ, ଯଶୋଦା ନନ୍ଦନ ଆଶ୍, ଅର୍ଚ୍ଚନା ନନ୍ଦୀ, ସୁଜାତା ପଣ୍ଡା ଓ ମିନତୀ ରାୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୪ଶହରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।



ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର-୨୦୧୯ ଉନ୍ମୋଚନ କରାଯାଉଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଘଟଗାଁ ପୀଠରେ ବଡ଼ଦିନ, ନୂଆବର୍ଷ ପାଇଁ ବ୍ୟାପକ ପ୍ରସ୍ତୁତି

**ଘଟଗାଁ, ୨୨।୧୨(ଡି.ଏନ.ଏ.)-** ଘଟଗାଁ ମା ତାରିଣୀ ପୀଠରେ ପର୍ଯ୍ୟଟନ ମାସ ଡିସେମ୍ବରରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାବେଳେ ଆସନ୍ତା ଡିସେମ୍ବର ୨୫ ବଡ଼ଦିନ ଓ ଇଂରାଜୀ ନବବର୍ଷ ଦିନ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ବୋର୍ଡ ପକ୍ଷରୁ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଆସନ୍ତା ୨୬ ତାରିଖ ଦିନ ସୂର୍ଯ୍ୟପରାଗ ହେତୁ ମନ୍ଦିର ୨୫ ତାରିଖ ରାତି ସାଢ଼େ ୮ଟାରୁ ୨୬ ତାରିଖ ସାଢ଼େ ୧୧ଟା ପର୍ଯ୍ୟନ୍ତ ବନ୍ଦ ରହିବ। ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ବ୍ୟାରିକେଡ ନିର୍ମାଣ, ଭକ୍ତଙ୍କ ଶୃଙ୍ଖଳା ଦର୍ଶନ ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା। ନୂଆବର୍ଷ ଦିନ ମାନସିକ ୧୦୮ ନଡ଼ିଆ ଭୋଗ ଲାଗି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ମନ୍ଦିର ପରିଚାଳନା ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ଟ୍ରଷ୍ଟ ବୋର୍ଡ ସଦସ୍ୟ ରୁଦ୍ରନାରାୟଣ ମହାନ୍ତ, ବଳଭଦ୍ର ନନ୍ଦ, ଆନନ୍ଦ ଚନ୍ଦ୍ର ସିଂହ, ଦୟାନିଧି ମହାନ୍ତ, ମନ୍ଦିର ପୂଜକ ଶ୍ୟାମସୁନ୍ଦର ଦେହୁରୀ, ରବୀନ୍ଦ୍ର ଦେହୁରୀ, ଶରତ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ନୂଆବର୍ଷରେ ସମସ୍ତ ଭକ୍ତଙ୍କୁ ମା'ଙ୍କ ପ୍ରିୟ ଭୋଗ ନଡ଼ିଆ ଲଡ୍ଡୁ ବିତରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

### ବିସ୍ଥାପିତଙ୍କ ଲାଗି ନିର୍ମାଣ ଗୃହ ବେପାରୀଙ୍କ କବ୍‌ଜାରେ

**ତେଲକୋଇ, ୨୨।୧୨(ଡି.ଏନ.ଏ.)-** ତେଲକୋଇ ବ୍ଲକ ଅଧୀନ ଜଗମୋହନପୁର ପଞ୍ଚାୟତ ଅଧୀନରେ ରହିଛି କାକୁଡିଅନ୍ଧା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ । ଏହି ପ୍ରକଳ୍ପ ଯୋଗୁ ବାଂଶପାଳ ବ୍ଲକ ଟଣ ପଞ୍ଚାୟତର ତଳଇରିଡା ଗ୍ରାମବାସୀ ବିସ୍ଥାପିତ ହୋଇଛନ୍ତି। ଏଥିରେ ଜଙ୍ଗଲ ମଧ୍ୟରେ ଥିବା ୪୨ ଭୂୟାଁ ଜନଜାତି ବିସ୍ଥାପିତ ହେବା ଯୋଗୁ ସଲେଇକେନା ପଞ୍ଚାୟତ ରୁଗୁଡି ଗ୍ରାମରେ ତାଙ୍କ ପରିବାର ପାଇଁ ଗୃହ ନିର୍ମାଣ, ରାସ୍ତା, ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷା କେନ୍ଦ୍ର, ପାନୀୟଜଳ ଯୋଜନା କରି ସଂପୃକ୍ତ ପରିବାର ପାଇଁ ୨ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରି ଯୋଜନା ପ୍ରସ୍ତୁତ ହୋଇଛି । ହେଲେ ଏବେ ଉକ୍ତ ଗୃହଗୁଡିକରେ ବଙ୍ଗାଳି କ୍ୱାକ(ଚିକିତ୍ସକ)ସମେତ ସିମେଣ୍ଟ ଗୋଦାମ, ଦୋକାନ ଗୃହ, ୨ଜଣ ଶିକ୍ଷକ ଆଶ୍ରୟ ସ୍ଥଳୀ ଭାବେ ମାଡି ବସିଛନ୍ତି। ଏପରିସ୍ଥଳେ ତଳଇରିଡାର ବାସିନ୍ଦା ରୟା ଦେହୁରୀ କହିଛନ୍ତି ଯେ, ଆମେ ଜଙ୍ଗଲ ଅଞ୍ଚଳରେ ରହୁଛୁ । ଉକ୍ତ ବସ୍ତି ଆମ ପାଇଁ ଆବଶ୍ୟକତା ନାହିଁ। ଜିଲା କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ ଅବିନାଶ କୁମାର ସାହୁଙ୍କୁ ପଚାରିବାରୁ ବିସ୍ଥାପିତଙ୍କ ପାଇଁ ଗୃହ ନିର୍ମାଣ କରାଯାଇଛି । ହେଲେ ସେମାନେ ଆସିବାକୁ ଅନିଚ୍ଛୁକ ବୋଲି ପ୍ରକାଶ କରିଥିଲେ। ଏହା ସତ୍ତ୍ୱେ ବିଭିନ୍ନ ଲୋକମାନେ ଗୃହଗୁଡିକୁ ନିଜ ଦଖଲରେ ରଖିଥିବା ତଦନ୍ତ କରି ଜିଲା ପ୍ରଶାସନଙ୍କଠାରେ ଜଣାଇବୁ ।

### ମେଗା ସ୍ୱାସ୍ଥ୍ୟ ଶିବିର: ଚିକିତ୍ସିତ ହେଲେ ୮୫୦ ରୋଗୀ

**ଭଦ୍ରକ ଅଫିସ, ୨୨।୧୨:** ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଧାମରା ପୋର୍ଟ ସିଏସ୍‌ଆର୍ ବିଭାଗ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଜାଗୁଲା ରେଡ୍‌କ୍ରସ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ଆନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟଶିବିରରେ ପ୍ରାୟ ୮୫୦ ରୁ ଊର୍ଦ୍ଧ୍ୱ ରୋଗୀ ଏବଂ ଶିଶୁଙ୍କୁ ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା। ଆଦାନୀ ଫାଉଣ୍ଡେଶନ, କଟକ ସ୍ଥିତ ଅଶ୍ୱିନ ହସ୍ପିଟାଲ ଏବଂ ଜାଗୁଲା ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଗ୍ରାମବାସୀଙ୍କ ମଧୁମେହ ରୋଗର ପରୀକ୍ଷା କରାଯାଇ ସେମାନଙ୍କୁ ପରାମର୍ଶ ଦେବା ସହ ଔଷଧ ବିତରଣ କରାଯାଇଥିଲା। ଜାଗୁଲା ସରପଞ୍ଚ କାଞ୍ଚନବାଳା ମାହୁନ୍ତ ଏବଂ ଜିଲା ପରିଷଦ ସଦସ୍ୟା ସୁଭାସିନୀ ଦାସ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ବଳଭଦ୍ର ଲେଙ୍କା, ପ୍ରମୋଦ କୁମାର ନାୟକ ଉପସ୍ଥିତ ଥିଲେ। ଡା. ପ୍ରିୟାଂଶୁ ତ୍ରିପାଠୀ, ଡା. ଅଭିଷେକ ସ୍ୱାଇଁ, ଡା.ଚିନ୍ମୟ ବାରିକ, ଡା. ପ୍ରଫୁଲ୍ଲ ଦିକ୍ଷୀତ, ଡା. ମନାଲି ପଟ୍ଟନାୟକ , ଡା. ରଶ୍ମି ରଞ୍ଜନ ଦାସ ଏବଂ ଡା. ବିଜୟ କୁମାର ସାହୁ ପ୍ରମୁଖ ରୋଗୀଙ୍କୁ ଚିକତ୍ସା କରିଥିଲେ। ଜାଗୁଲା ପଞ୍ଚାୟତର ସୁରେଶ ମାହୁନ୍ତଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

# ମଣ୍ଡି ଖୋଲିବାରେ ବିଳମ୍ବ

## ■ ଏୟାଏ ଆସିନି ଟୋକନ ରିପୋର୍ଟ ■ ଧାନ ବିକ୍ରି ନେଇ ଚିନ୍ତାରେ ଚାଷୀ

**ବନ୍ତ,୨୨।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀମାନେ ଧାନ ବିକ୍ରି କର ନ ପାରି ଚିନ୍ତାରେ ପଡ଼ିଛନ୍ତି। ଚଳିତ ଖରିଫ ଋତୁରେ ଏହି ବ୍ଲକରୁ ଧାନ କ୍ରୟ କରିବା ପାଇଁ ୧୦ଟି ସେବା ସମବାୟ ସମିତି ସମେତ ରାମକୃଷ୍ଣପୁର, ରାମପୁର, ଛୟାଳସିଂ, ରାମଚନ୍ଦ୍ରପୁର ୪ଟି ପଞ୍ଚାୟତସ୍ତରୀୟ ମହିଳା ସଂଘଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଶୁକ୍ରବାର କ୍ଷେଣ୍ଟତୀରା ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲା ଯାଇଥିବାବେଳେ ଅବଶିଷ୍ଟ ସମିତିରେ ଅଦ୍ୟାବଧି ମଣ୍ଡି ଖୋଲାଯାଇ ପାରିନାହିଁ। ଗତ ୧୬ତାରିଖରୁ ଧାନ ବିକ୍ରି ପାଇଁ ଚାଷୀଙ୍କର ଟୋକନ୍ ପ୍ରକ୍ରିୟା କରାଯାଇଥିବା କୁହାଯାଉ ଥିଲେ ହେଁ ଅଦ୍ୟାବଧି ରିପୋର୍ଟ ଆସି ନାହିଁ। ଟିଲୋ ସମିତିରେ ୨୩, ଗଣିଜାଙ୍ଗରେ ୧୩, ପଧାନପଡ଼ାରେ ୧୫ଜଣ ଚାଷୀଙ୍କର ନାମ ଟୋକନ୍ ପ୍ରକ୍ରିୟା ଲାଗି ପଠାଯାଇଥିବା ସୂଚନା ମିଳିଛି।

ଚଳିତବର୍ଷ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଟୋକନ ପ୍ରକ୍ରିୟା କରାଯିବା ପରେ ଚାଷୀମାନେ କେତେ ପରିମାଣରେ ଓ କେଉଁ ଦିନ ଧାନ ବିକି ପାରିବେ ସେ ସମ୍ପର୍କରେ ସେମାନଙ୍କ ମୋବାଇଲକୁ ମେସେଜ୍ ଆସିବା ସହ ଏହାର ରିପୋର୍ଟ ସମ୍ପୃକ୍ତ ମଣ୍ଡିକୁ ପଠାଯିବା ବ୍ୟବସ୍ଥା କରାଯାଇଛି। ସେହିପରି ନାମମାତ୍ର ଓ କ୍ଷୁଦ୍ର ଚାଷୀମାନଙ୍କୁ ଗୁରୁତ୍ୱ ଦିଆଯାଇଛି। ଏକର ପିଛା ଜଣେ ଚାଷୀ ୧୯ କୁଇଣ୍ଟାଲ ଧାନ ବିକ୍ରୟ କରିବାର ନିୟମ ଥିବାବେଳେ ସେଥିରୁ ପରିବାରର ମୁଣ୍ଡ ପିଛା ୩ କୁଇଣ୍ଟାଲ ଧାନ ବାଦ୍ କରାଯିବା ବ୍ୟବସ୍ଥା ହୋଇଛି। ଏଥିସହ ଜଳସେଚିତ ଚାଷଜମି ପାଇଁ ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମି ଲାଗି ୧୩ କୁଇଣ୍ଟାଲ ହିସାବରେ ଚାଷୀ ଧାନ ବିକି ପାରିବେ। ମଣ୍ଡିରୁ ଧାନ କିଣିବା ପାଇଁ ଏହି ବ୍ଲକର ତୋଡଗାଁସ୍ଥିତ ଉମାପତି ରାଇସ୍ ମିଲ୍ ସହିତ ଚୁକ୍ତିନାମା ହୋଇସାରିଛି। ଧାନ କ୍ରୟ ନେଇ ନିଳୋକସ୍ଥିତ ଏନ୍ ଆଣ୍ଡ ବି ଫୁଡ୍ସ ରାଇସ୍ ମିଲ୍ ସମସ୍ତ କାଗଜପତ୍ର ଦାଖଲ କରିଥିବାରୁ ଖୁବ୍‌ଶୀଘ୍ର ଚୁକ୍ତିନାମା ହୋଇଯିବ ବୋଲି ଯୋଗାଣ ବିଭାଗ କହିଛି। ମଣ୍ଡି ଖୋଲିବାରେ ବିଳମ୍ବ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାଜ୍ ଅଲ୍ଲୀ ଖାନ୍‌ଙ୍କୁ ପଚାରିବାରୁ ସୋମବାର ସୁଦ୍ଧା କେତେକ ସ୍ଥାନରେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟସ୍ଥାନରେ ମଣ୍ଡି ଖୋଲିବା ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

## ସରିଲା ଜିଲାସ୍ତରୀୟ ଶିଶୁଉତ୍ସବ



ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

**ଢେଙ୍କିକୋଟ, ୨୨।୧୨(ଡି.ଏନ୍.ଏ.)**

କେନ୍ଦୁଝର ଓଷ୍ଟା କାର୍ଯ୍ୟାଳୟ ତରଫରୁ ଗତ ୨୧ ତାରିଖଠାରୁ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ପରିସର ମଧ୍ୟରେ ଜିଲାସ୍ତରୀୟ ୩୮ତମ ବାର୍ଷିକ ଶିଶୁ ଉତ୍ସବ ଶନିବାର ଅପରାହ୍ନରେ ଉଦ୍‌ଯାପନ ହୋଇଯାଇଛି। ଓଷ୍ଟା ଜିଲା ସଭାପତି ଶାନ୍ତନୁ କୁମାର ମିଶ୍ରଙ୍କ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟା ରାଜ୍ୟ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା, ମୁଖ୍ୟବକ୍ତା ଭାବେ ଓଷ୍ଟା ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସମ୍ମାନନୀୟ ଅତିଥି ଭାବେ ଜିଲା ଓଷ୍ଟା ପ୍ରାକ୍ତନ ଉପସଭାପତି ସଞ୍ଜୟ ବସନ୍ତ ଚକ୍ର, ଓଷ୍ଟା ଶିକ୍ଷା ପ୍ରଦୀପ ସମ୍ପାଦକ ଭିକାରୀ ଚରଣ ସାହୁ, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ସାମଲ, କେନ୍ଦୁଝର ଯାନ୍ତ୍ରିକ ମହାବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ବସନ୍ତ କୁମାର ଦାନୀ, କେନ୍ଦୁଝର ଜିଲାର ବିଶିଷ୍ଟ ନୃତ୍ୟଶିଳ୍ପୀ ସୁପ୍ରିୟା ଗୋସ୍ୱାମୀ, ସଂଗଠନ ସମ୍ପାଦକ ହେନାରାଣୀ ସ୍ୱାଇଁ ଜିଲା ଓଷ୍ଟା ସମ୍ପାଦକ କ୍ଷୀରୋଦ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଜିଲାସ୍ତରୀୟ ଶିଶୁ ଉତ୍ସବରେ ପ୍ରଥମ ସ୍ଥାନ ହାସଲ କରିଥିବା ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୦ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ଶିଶୁମେଳା କଟକ ବାରବାଟୀ ଷ୍ଟାଡିୟମକୁ ମନୋନୀତ ହୋଇଛନ୍ତି। ଅତିଥିମାନେ ଅଭିଭାଷଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଭଲମଣିଷ ହେବାପାଇଁ ପରାମର୍ଶ ଦେବା ସହ ନିଜ ମଧ୍ୟରେ ଥିବା ପ୍ରତିଭାକୁ ବିକଶିତ କରି ସମାଜ କଲ୍ୟାଣରେ ଲଗାଇବା ପାଇଁ ମତ ରଖିଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ଜିଲା ଓଷ୍ଟା ଯୁଗ୍ମ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋନାସିକା ମହୋତ୍ସବର ତୃତୀୟ ସନ୍ଧ୍ୟା

## ଆକର୍ଷିତ କଲା ଗୋଁଡୱାନା ନୃତ୍ୟ



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**କେନ୍ଦୁଝର, ୨୨।୧୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ସଦର ମହକୁମାର କାଳୀପଡିଆଠାରେ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଗୋନାସିକା କେନ୍ଦୁଝର ମହୋତ୍ସବର ରବିବାର ତୃତୀୟ ସନ୍ଧ୍ୟାରେ ଗୋଁଡୱାନା ସାମରିକ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛି। ତୃତୀୟ ସନ୍ଧ୍ୟାରେ ଆୟୋଜିତ କେନ୍ଦୁଝର ଜିଲାର କଳାକାରମାନଙ୍କ ଦ୍ୱାରା ଆଦିବାସୀ ପାରମ୍ପାରିକ ସାମରିକ କଳାକୁ ପ୍ରଦର୍ଶନ କରିବାକୁ ଯାଇ ଏହି ଗୋଁଡୱାନା ନୃତ୍ୟ ବେଶ ଉପଭୋଗ୍ୟ ହୋଇଥିଲା। ଏହାସହିତ ପୁରୀର ମାଲଖମ୍ବ, ବ୍ୟଙ୍ଗକବି କୁଳାଙ୍ଗାର ଓ ସାଥିମାନଙ୍କ ଦ୍ୱାରା ହାସ୍ୟ ରସର କାର୍ଯ୍ୟକ୍ରମ ବ୍ୟଙ୍ଗସାହିତ୍ୟ ଆସର ବେଶ ଚିତ୍ତାକର୍ଷକ ହୋଇଥିଲା। ଏଥିସହ ଆଲୋକ ପଣ୍ଡା ଓ ସାଥିମା'ଙ୍କ ପରିବେଷିତ ସମ୍ବଲପୁରୀ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକମାନେ ଉପଭୋଗ କରିଥିଲେ। ଗଜପତି ଜିଲା ସଂସ୍କୃତି ପରିଷଦ, ହରିଶ୍ଚନ୍ଦ୍ର ଓରାମଙ୍କ କଣ୍ଢେଇ ନୃତ୍ୟ, କଳିଙ୍ଗ ଡ୍ୟାନ୍ସ ଏକାଡେମୀ, ଅଗ୍ରଣୀ ସାଂସ୍କୃତିକ ଶିକ୍ଷାକେନ୍ଦ୍ର ସୁର ନିକେତନ, କେନ୍ଦୁଝର ଜିଲା କଳାକାର ସଂଘ, ନୃତ୍ୟ ପ୍ରଭାତ ଏକାଡେମୀ ଓ ବରୁଣେଶ୍ୱର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆୟୋଜିତ ସଂକ୍ଷିପ୍ତ ସଭାରେ ଅତିରିକ୍ତ ଜିଲାପାଳ ଡ଼ ଭକ୍ତଚରଣ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ, ସମ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନାରାୟଣ ମୁର୍ମୁ, ଜାତୀୟ ରାଜପଥ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସନ୍ତୋଷ କୁମାର ନାୟକ, ସଦର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରକାଶ ଜେମସ ଟପୋ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସଞ୍ଜିବ ବାରିକଙ୍କ ସଂଯୋଜନାରେ ସଭା କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଉପସ୍ଥିତ ଥିଲେ। ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଉପସ୍ଥାପକ ଚନ୍ଦନ କୁମାର ସାହୁ ଓ ଉପସ୍ଥାପିକା ଶୁଭଲକ୍ଷ୍ମୀ ଦାଶ ଉପସ୍ଥାପନା କରିଥିଲେ।

### ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ

**କେନ୍ଦୁଝର, ୨୨।୧୨(ଡି.ଏନ୍.ଏ.)**

କେନ୍ଦୁଝର ଇନର ହୁଇଲ କ୍ଲବ ତରଫରୁ ଗରିବ ଆଦିବାସୀ ଶିଶୁ ଓ ବୃଦ୍ଧା ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଗତ ଏକ ସପ୍ତାହ ଧରି କେନ୍ଦୁଝର ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଇବା ଯୋଗୁ କେନ୍ଦୁଝର ସଦର ବ୍ଲକ ଅଧୀନ ପୋକରାପାଣି ଗ୍ରାମରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଗ୍ରାମରେ ଖଟିଖିଆ ଦିନମଜୁରିଆ ଶ୍ରେଣୀର ବନବାସୀମାନେ ବାସକରି ଆସୁଛନ୍ତି। ଆର୍ଥିକ ଅନାଟନ ସାଙ୍ଗକୁ ଘୋଡ଼ାଇ ହେବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକୀୟ ଶୀତବସ୍ତ୍ର ନଥିବାରୁ ଇନର ହୁଇଲ କ୍ଲବର ସଦସ୍ୟାମାନେ ସହାୟତାର ହାତ ବଢାଇଛନ୍ତି। ଗ୍ରାମରେ ଥିବା ଅସହାୟ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଚାଦର ବଣ୍ଟନ କରିଥିବାବେଳେ ଛୋଟଛୋଟ ପିଲାମାନଙ୍କୁ ଜ୍ୟାକେଟ ପ୍ରଦାନ କରିଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କେନ୍ଦୁଝର,୨୨।୧୨(ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ମଇଦାନକେନ ପଞ୍ଚାୟତକେରୀଗ୍ରାମରେମା'ପୋଟଳପାଟ କମିଟି ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଞ୍ଜୁଲତା ନାଏକ କ୍ଷମାକର ପାତ୍ର ଯୋଗଦେଇଥିଲେ। ଭାଷ୍ୟ କାର ଟଙ୍କଧର ମହାନ୍ତ, ଅରୁଣ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ରନ ବିବରଣୀରେ ମନୋଜ କୁମାର ମହାନ୍ତ, ରଞ୍ଜନ କୁମାର ମହାନ୍ତ ଅମ୍ପାୟର ଉମାକାନ୍ତ, କରମଚାନ୍ଦ ମହାନ୍ତ, ଦିଲୀପ କୁମାର ପାତ୍ର ଦାୟିତ୍ୱ ତୁଲାଇଥିଲେ।ପ୍ରଥମ ମ୍ୟାଚ ଭୁଲଦା ଟାଇଗର ବାପି ଏକାଦଶକେରୀ ମଧ୍ୟରେ ହୋଇଥିଲା। ଭୁଲଦା ପ୍ରଥମପାଳି ଖେଳି ୧୨ଓଭରରେ ସମସ୍ତ ୱିକେଟ ହରାଇ ୭୧ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ପାଳି ବାପି ଏକାଦଶ ୫ଓଭରରେ ଏକ ୱିକେଟ ହରାଇ ଖେଳି ୭୨ରନ କରି ବିଜୟୀ ହୋଇଛି। କମିଟିରେ ବିଜୁ ମହାନ୍ତ, ବାପି ପାତ୍ର, ମନୋଜ ମହାନ୍ତ, ଗୁଲୁ ପାତ୍ର, ରଞ୍ଜନ ମହାନ୍ତ, ରୁଦ୍ର ପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାଟଣା,୨୨।୧୨(ସ୍ୱ.ପ୍ର.)**




ବାର୍ଷିକ ଉତ୍ସବରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଅଭିଭାଷଣ ଦେଉଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ଅପରାହ୍ନରେ ୨୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ବାର୍ଷିକ ଉତ୍ସବ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ସନାତନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନ ରାଉରକେଲାର ଆଚାର୍ଯ୍ୟ ସ୍ୱାମୀ ନୀର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାନ୍ତ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ, ସମ୍ପାଦକ ଦେବେନ୍ଦ୍ର କୁମାର ମାହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନୀର୍ଲିପ୍ତା ନନ୍ଦ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ମଣିଷ ନିଜ ନିଜ ମଧ୍ୟରେ ମଣିଷ ପଣିଆର ପ୍ରସ୍ଫୁଟନ କଲେ ଜୀବନ ସାର୍ଥକ ହେବବୋଲି ପରାମର୍ଶ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦାରା ଚିତ୍ତାକର୍ଷକ ନୃତ୍ୟ ଗୀତସହ ଇଂରାଜୀ ଓ ସଂସ୍କୃତ ଭାଷାରେ ଦୁଇଗୋଟି କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁମା ଓ ଗୁରୁଜୀ ଶୋଭାଶ୍ରୀ ଷଡ଼ଙ୍ଗୀ, ଦୀପ୍ତିମୟୀ ବାରିକ, ଅକ୍ଷୟ କୁମାର ବେହେରା, ହଳଧର ନାଏକ ଓ ସନ୍ତାଷ କୁମାର ବେହେରା ପ୍ରମୁଖ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ।

## ବିଷପିଇ ସ୍କୁଲ ଛାତ୍ରଙ୍କ ଆତ୍ମହତ୍ୟା

**ବାସୁଦେବପୁର, ୨୨।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନନ୍ଦପୁର ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ଶନିବାର ଭଦ୍ରକ ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସେ ବିଷ ପିଇ ଦେବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇ ପରେ ଭଦ୍ରକ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ତେବେ କେଉଁ କାରଣ ପାଇଁ ସେ ବିଷ ପିଇଲେ ତାହା ସ୍ପଷ୍ଟ ହୋଇପାରି ନ ଥିବା ସୂଚନା ମିଳିଛି।

### ସାନ୍ତାଳୀ ଭାଷା ଦିବସ ପାଳିତ

**କେନ୍ଦୁଝର, ୨୨।୧୨(ଡି.ଏନ୍.ଏ.)**

୨୦୦୩ ମସିହା ଡିସେମ୍ବର ୨୨ ତାରିଖରେ ସମ୍ବିଧାନର ଅଷ୍ଟମ ଅନୁସୂଚୀ ଅନୁଯାୟୀ ସାନ୍ତାଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିଥିଲା। କେନ୍ଦୁଝର ସହରରେ ସାନ୍ତାଳୀ ସଂପ୍ରଦାୟ ପକ୍ଷରୁ ୧୬ତମ ସାନ୍ତାଳୀ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧୋବାଡିଆ ଛକରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦୁଝର ଏମ୍‌ପି ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ସୌଭାଗ୍ୟ ସୋରେନ ପ୍ରମୁଖ ଉପସ୍ଥିତ ରହି ସାନ୍ତାଳୀ ଭାଷା ଦିବସ ଅବସରରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।


**4th Birthday Wish**



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
ଖୋର୍ଦ୍ଧା

ଆଜି ତୋର ଚତୁର୍ଥ ଜନ୍ମଦିନରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ନୀରୋଗ ରଖନ୍ତୁ ଏବଂ ତୋର ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ।

**ଶୁଭେଚ୍ଛା ସହ**
Loving Father, Sweet Mama & all relatives.

ଧ-୧୫୭୮୦



**BABA POLY CLINIC**
NEAR CENTRAL BANK, ASTAL, NAYA BAZAR, BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. RAJESH SENAPATI | (ହାଡ଼ ଓ ଗଣ୍ଠି ରୋଗ) ପ୍ରତି ସପ୍ତାହ ମଙ୍ଗଳବାର ଓ ଶନିବାର ସକାଳ ୧୦ଟାରୁ ୨ଟା |
| DR. N.K. PATHI (Kolkata) | (ଆଣ୍ଠୁ ଓ ଗଣ୍ଠି ରୋଗ) ପ୍ରତ୍ୟେକ ସପ୍ତାହ ବୁଧବାର ଓ ରବିବାର ସକାଳ ୧୦ଟାରୁ ୨ଟା |
| DR. GIRIJA SHANKAR MOHANTA (Cuttack) | (କାନ, ନାକ ଓ ଗଳା ବିଭାଗ) ପ୍ରତ୍ୟେକ ବୁଧବାର ସକାଳ ୧୦ଟାରୁ ୧ଟା |
| DR. DEBASISH NANDA (BBSR) | (ମୁଣ୍ଡ ଏବଂ ଗଳା ବିଭାଗ) ପ୍ରତ୍ୟେକ ରବିବାର ସକାଳ ୯ଟାରୁ ୧୨ଟା |
| DR. RITESH KUMAR BHOOT (BBSR) | (ସ୍ନାୟୁ ବିଭାଗ), ପରାମର୍ଶ ସମୟ: ପ୍ରତ୍ୟେକ ମାସ ୨ୟ ବୁଧବାର ସକାଳ ୧୧ଟାରୁ ୧ଟା ଓ ମାସ ୪ର୍ଥ ରବିବାର ୧୧ଟାରୁ ୧ଟା |
| DR. DHIRAJ KUMAR PANDA (BBSR) | (ମଧୁମେହ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ମାସ ୩ୟ ଶୁକ୍ରବାର ଦିବା ୧୧ଟାରୁ ୧ଟା |
| DR. CHANDAN KU. RAY MOHAPATRA (BBSR) | (ହୃଦ୍ ବିଭାଗ) ପ୍ରତ୍ୟେକ ମାସ ୩ୟ ରବିବାର ଦିବା ୧୦ଟାରୁ ୧ଟା |





ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## 'ସମାଜର ବିକାଶ ଲାଗି ସାହିତ୍ୟର ସ୍ୱର ଶାଣିତ ହେଉ'

**ଭଦ୍ରକ ଅଫିସ, ୨୨।୧୨:** ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ରବିବାର ଜିଲାସ୍ତରୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ନାଟକ ଏକାଡେମୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା ଉଦ୍‌ଘାଟକ ଭାବେ ଯୋଗ ଦେଇ ସାହିତ୍ୟର ବିକାଶ ପାଇଁ ସାରସ୍ୱତ ଆସର ଓ ସାରସ୍ୱତ ସାଧକଙ୍କ ମେଳି ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ସାହିତ୍ୟ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାହିତ୍ୟିକ ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଏବଂ ବରିଷ୍ଠ ସାହିତ୍ୟିକ ଡ. ପ୍ରମୋଦ କୁମାର ନାୟକ, ଓଡ଼ିଶା ସାହିତ୍ୟ ଏକଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ବରିଷ୍ଠ ସାହିତ୍ୟିକ ଡ. ହୃଷୀକେଶ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ସମାଜର ବିକାଶ ଓ ହିତରେ ସାହିତ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ। ଯେଉଁ ସାହିତ୍ୟ ଜଗତର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହେଁ ତାହା କେବେ କାଳଜୟୀ ହୋଇପାରେ ନାହିଁ। ଏଣୁ ସାହିତ୍ୟ ସାଧକମାନେ ସମାଜର ଉନ୍ନତି ପାଇଁ କଲମର ମୁନକୁ ଶାଣିତ କରିବା ଦରକାର।

କାର୍ଯ୍ୟକ୍ରମର ଦ୍ୱିତୀୟ ସୋପାନରେ ସାହିତ୍ୟ ଆସର ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। 'ଓଡ଼ିଆ ଜାତୀୟତାବାଦୀ ସାହିତ୍ୟକୁ ଭଦ୍ରକର ଦାନ' ଶୀର୍ଷକ ଆଲୋଚନା ଚକ୍ରରେ ଏକାଡେମୀ ସଦସ୍ୟ ଡ. ଶଶଧର ଦାସ ପୌରୋହିତ୍ୟ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଗଦାଧର ବଳ, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଅଧ୍ୟାପକ ନୀହାର ରଞ୍ଜନ କର, ଡ. ସୁଧାଂଶୁ ଶେଖର ନାୟକ, ଡ. ଅଞ୍ଜଳି ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।ପରେ ଗୀତିକାର ନିର୍ମଳ ରାଉତଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶୀତଳ କୁମାର ବେହେରା ଓ ରବି ନାରାୟଣ ଖିଲାର ଅତିଥି ଭାବେ ଯୋଗ ଦେଇଥିଲେ। ରଶ୍ମିତା ଦାଶ, ମମତା ରାଣୀ ଦାଶ ସଂଯୋଜନା କରିଥିଲେ।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସାରଦା ମହାକୁଡ଼**
ସ୍ଥାନ: ପଥରଗାଡ଼ିଆ, ଭୁବନେଶ୍ୱର
ତୋର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଚାହୁଁ ଚାହୁଁ ଏକବର୍ଷ ହୋଇଗଲା। ଏ ତେଲ, ଲୁଣ ସଂସାରରୁ ଚାଲି ଯିବାର କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା।
**ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୫୭୬୪

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ହାରାମଣୀ ସାହୁ**
ରାଣୀପଡ଼ା, ଗୋବିନ୍ଦପୁର, କଟକ
ତିରୋଧାନ: ୧୩।୧୨।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର-ସନାତନ ସାହୁ, ଅକ୍ଷୟ କୁମାର ସାହୁ, ଅନିରୁଦ୍ଧ ସାହୁ, ରମେଶ ଚନ୍ଦ୍ର ସାହୁ, କନ୍ୟା- ଅନ୍ନପୂର୍ଣ୍ଣା ସାହୁ, ଜ୍ୱାଇଁ- ଅଜୟ କୁମାର ସାହୁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୫୮୬୪

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଲକ୍ଷ୍ମୀଧର ଦାଶ**
ଅବସରପ୍ରାପ୍ତ କୃଷି ଅଧିକାରୀ
ଗୋଳବାଇ, ଖୋର୍ଦ୍ଧା
ଆବିର୍ଭାବ: ୧୧।୦୩।୧୯୪୩
ତିରୋଧାନ: ୧୨।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ ପରିବାରବର୍ଗ:**
ଝିଅ-ଜ୍ୱାଇଁ: ଲିଲି ଓ ଦିଲୁ, ବଡ଼ପୁଅ-ବୋହୂ: ସଂଜୀବ ଓ ସଂଗୀତା, ସାନପୁଅ-ବୋହୂ: ମାଧବ-ରାନୀ, ନାତିମାନେ ଓ ନାତୁଣୀ: ହିଲୁ, ସିଲୁ, ସୂର୍ଯ୍ୟ, ସପନି ଓ ବନ୍ଧୁବର୍ଗ ।
ଧ-୬୮୭୩୭

## ସଂକ୍ଷେପରେ

### ୪ ଭାଲୁଙ୍କ ଆକ୍ରମଣରେ ଜଣେ ଗୁରୁତର

ପାଟଣା, ୨୨।୧୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ଗ୍ରାମ ଜାମୁନାଳିଆ ସାହିର ବୁକା ନାଏକ ନାମକ ଜଣେ ବ୍ୟକ୍ତି ରବିବାର ଅପରାହ୍ଣରେ ୪ ଭାଲୁଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ରବିବାର ଅଟେଇ ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ତାଙ୍କ କାଜୁ ବଗିଚାକୁ ଯାଇଥିବାବେଳେ ଭାଲୁଙ୍କ ହାବୁଡ଼ରେ ପଡିଯାଇଥିଲେ। ଏଥିରେ ତାଙ୍କର ଜଙ୍ଘରେ ଗଭୀର କ୍ଷତ ହୋଇଛି। ବୁକାଙ୍କ ଚିତ୍କାର ଶୁଣି ଗାଁ ଲୋକ ଆସିଯିବାରୁ ଭାଲୁମାନେ ତାଙ୍କୁ ଛାଡି ଚାଲି ଯାଇଥିଲେ। ଖବର ପାଇ ବନପାଳ ସନ୍ତୋଷ କୁମାର ପହି ଓ ସ୍ଥାନୀୟ ଫରେଷ୍ଟ ଗାର୍ଡ ପ୍ରଯୁକ୍ତା ଜେନା ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ବିଜେଡିର ପ୍ରତିଷ୍ଠା ଦିବସ ଲାଗି ପ୍ରସ୍ତୁତି

ପାଟଣା,୨୨।୧୨(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶିଠାରେ ରବିବାର ପାଟଣା ନିର୍ବାଚନ ମଣ୍ଡଳୀର ବହୁ ନେତା ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଡିସେମ୍ବର ୨୬ ତାରିଖରେ ବିଜେଡି ଦଳର ପ୍ରତିଷ୍ଠା ଦିବସକୁ ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରରେ କିଭଳି ପାଳନ କରାଯିବ ତା ଉପରେ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପାଟଣା ବିଧାୟକ ଜଗନ୍ନାଥ ନାୟକଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗତ ସାଧାରଣ ନିର୍ବାଚନରେ ପାଟଣା ନିର୍ବାଚନ ମଣ୍ଡଳୀର ବିଏସପିରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ଲୋକନାଥ ନାୟକ ବିଜେଡିରେ ଯୋଗ ଦେଇଥିଲେ। ଏହି ବୈଠକରେ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ବିଜେଡି ସଭାପତି ଗୋବିନ୍ଦ ମହାନ୍ତ, ଜିଲା ଉପସଭାପତି ଅଙ୍କୁର ମହାନ୍ତ, କରୁଣା ସାଗର ଖଟୁଆ, ମିତ୍ରଭାନୁ ମହାନ୍ତ, ପ୍ରଶାନ୍ତ କୁମାର ଭଞ୍ଜ, ଝୁମ୍ପୁରା ଓ ଚମ୍ପୁଆ ବ୍ଲକର ବହୁ ଆଗ ଧାଡ଼ି ବିଜେଡି ନେତା ସାମିଲ ହୋଇଥିଲେ।

### ଗୋନାସିକା ମହୋତ୍ସବରେ ନିଶିକାନ୍ତଙ୍କ ବାଲୁକା କଳା



ରାଇସୁଆଁ,୨୨।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲାର ବୃହତ ଗୋନାସିକା ମହୋତ୍ସବ ଡିସେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଛି। ଏହି ମହୋତ୍ସବରେ ବହୁ ପ୍ରାନ୍ତରୁ ବହୁ କଳାକାର ବିଭିନ୍ନ ପ୍ରକାର ସାମଗ୍ରୀ ଏବଂ କଳାର ପ୍ରଦର୍ଶନ କରୁଥିବା ବେଳେ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି ସଦର ବ୍ଲକ ଅନ୍ତର୍ଗତ ଟିକରପଡା ଗ୍ରାମର ଉଦୀୟମାନ ଟେରାକୋଟା ଶିଳ୍ପୀ ନିଶିକାନ୍ତ ବେହେରାଙ୍କ ବାଲୁକା କଳା। ଏହି ମହୋତ୍ସବରେ ନିଶିକାନ୍ତ ଜଙ୍ଗଲ ସୁରକ୍ଷା କିପରି ଜୀବ ଜଗତ ପାଇଁ ଅପରିହାର୍ଯ୍ୟ। ତାହା ସେ ଏହି ବାଲୁକା କଳା ସାହାଯ୍ୟରେ ଲୋକଙ୍କ ନିକଟରେ ପ୍ରଦର୍ଶନ କରିବା ସହିତ ବହୁଲୋକ ଏହି କଳାକୁ ଖୁବ ଆନନ୍ଦର ସହିତ ଦେଖିବା ସହ ଏହାର ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି।

## ଆଡମ୍ବରରେ ପାଳିତ ହେଲା ଖଣି ସୁରକ୍ଷା ସପ୍ତାହ

# ଶ୍ରମିକଙ୍କ ସୁରକ୍ଷା ପ୍ରତି ଅଣଦେଖା

ଯୋଡ଼ା, ୨୨।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର କେନ୍ଦ୍ରୀୟ ଖେଳ ପଡିଆଠାରେ ବହୁ ଆଡମ୍ବରରେ ଖଣି ସୁରକ୍ଷା ସପ୍ତାହ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଚଳିତବର୍ଷ ୫୭ତମ ଖଣି ସୁରକ୍ଷା ସପ୍ତାହ ଅବସରରେ ମୁଖ୍ୟଅତିଥି ଭାବେ ଚାଇଁବସା ରିଜିଅନର ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫଟି ମୁଖ୍ୟ ଆର. ସୁବ୍ରମଣ୍ୟମ, ଚାଇଁବସା ପ୍ରଖଣ୍ଡର ଖଣି ସୁରକ୍ଷା ନିର୍ଦ୍ଦେଶକ ତଥା ଖଣିସୁରକ୍ଷା ସପ୍ତାହ ପାଳନ କମିଟି-୨୦୧୯ର ଚେୟାରମ୍ୟାନ ଆଲତାଫ ହୁସେନ ଅନସାରୀ, ରାଞ୍ଚିର ଖଣି ସୁରକ୍ଷା ନିର୍ଦ୍ଦେଶକ ସୁପ୍ରୀୟ ଚକ୍ରବର୍ତ୍ତୀ ଓ ଖଣି ଲିଜଧାରୀ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

ଏହି ସମାରୋହରେ ଝାଡଖଣ୍ଡ ରାଜ୍ୟର ଚାଇଁବସା ଭୂଭାଗ ଅଞ୍ଚଳର ଖଣି ଗୁଡିକ ସାମିଲ ହୋଇଥିଲେ। ଖଣି ସୁରକ୍ଷା କ୍ଷେତ୍ରରେ ବହୁ ଖଣି କମ୍ପାନୀଙ୍କୁ ପୁରସ୍କୃତ କରାଯାଇଥିଲା। ବହୁ ଅର୍ଥ ବ୍ୟୟରେ ଆଡମ୍ବରପୂର୍ଣ୍ଣ ସୁରକ୍ଷା ସପ୍ତାହ ଭୋଜି ଭାତ ଆଦିରେ ମଜଲିସ୍ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମକୁ ଦେଖିଲେ ଯେପରି ଶ୍ରମିକଙ୍କ ସୁରକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଥିବା ମନେ ହେଉଥିଲା।

ଖଣିରେ ଏବେବି ଶ୍ରମିକ ଅସୁରକ୍ଷିତ। ଅତୀତରେ ପ୍ରାୟତଃ ବହୁ ଖଣିରେ ଶ୍ରମିକମାନଙ୍କ ଦ୍ୱାରା ଖଣି ଖନନ କରାଯାଉଥିଲା। କାଳକ୍ରମେ ଖଣିଜର ଚାହିଦା ବୃଦ୍ଧି ଫଳରେ ଶ୍ରମିକ ପରିବର୍ତ୍ତେ ଯନ୍ତ୍ର ଦ୍ୱାରା ଖଣିଜ ଉତ୍ତୋଳନ କରାଗଲା। ଖଣି ସୁରକ୍ଷା ସପ୍ତାହ ପାଳନ ଅବସରରେ ଯୋଡା ଖଣି ଅଞ୍ଚଳର ବିଶିଷ୍ଟ ଶ୍ରମିକ ନେତା ମହେଶ୍ୱର ରାଉତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଯେତିକି ଆଡମ୍ବରପୂର୍ଣ୍ଣ ଖଣି ସୁରକ୍ଷା ସପ୍ତାହ ପାଳନ ଅବସରରେ ଅର୍ଥ ବ୍ୟୟ କରାଯାଉଛି, ସେହି ଅର୍ଥକୁ ଶ୍ରମିକମାନଙ୍କର କଲ୍ୟାଣରେ ଓ ବିଭିନ୍ନ ଖଣିରେ ଶ୍ରମିକମାନଙ୍କୁ ସଚେତନ କରାଯାଆନ୍ତା, ତାହେଲେ ଅନେକାଂଶରେ ଖଣି ଦୁର୍ଘଟଣାକୁ ରୋକାଯାଇପାରନ୍ତା। କୋଟି କୋଟି ଟଙ୍କା ଖର୍ଚ୍ଚ ନ କରି ଯଦି ଏହି ଅର୍ଥରେ ରୋଗାଗ୍ରସ୍ତ ଶ୍ରମିକମାନଙ୍କୁ ଡାକ୍ତରୀ ସୁବିଧା ମିଳିପାରନ୍ତା ତାହେଲେ ଶ୍ରମିକମାନେ ଉପକୃତ ହୋଇପାରନ୍ତେ। ବର୍ତ୍ତମାନ ପ୍ରାୟତଃ ବହୁ ଖଣିରେ ଠିକାଦାର ଜରିଆରେ ଶ୍ରମିକ ନିଯୁକ୍ତି ଦିଆଯାଉଛି। ଏହି ଶ୍ରମିକମାନେ ଉନ୍ନତମାନର ଚିକିତ୍ସା ସୁବିଧା ପାଇପାରୁନାହାନ୍ତି। ଖଣି ଶ୍ରମିକମାନଙ୍କ ପ୍ରତି କମ୍ପାନୀମାନେ ଗୁରୁତ୍ୱ ଦେଉନାହାନ୍ତି। ସେମାନେ ନିଜ ଖର୍ଚ୍ଚରେ ନିଜେ ଚିକିତ୍ସିତ ହେଉଛନ୍ତି। ଯଦି ଶ୍ରମିକମାନେ କୌଣସି କାରଣରୁ ଆହତ କିମ୍ବା କୌଣସି ରୋଗରେ ପଡି ଅକ୍ଷମ ହେଉଛନ୍ତି। ସେମାନଙ୍କୁ ଅଯୋଗ୍ୟ କହି ଖଣିରୁ ବାହାର କରିଦିଆଯାଉଛି। ନିୟମାନୁଯାୟୀ, ଶ୍ରମିକମାନଙ୍କୁ କମ୍ପାନୀ କିମ୍ବା ଠିକାଦାର ତାଙ୍କ ଖର୍ଚ୍ଚରେ ଚିକିତ୍ସିତ କରାଇ ଯୋଗ୍ୟ କରାଇବା ଉଚିତ। ଖଣି ଭିତରେ ଯେଉଁ ରାସ୍ତା ରହିଛି, ତାହା ନିୟମାନୁଯାୟୀ ଡବଲ ରୋଡ ହେବା ଆବଶ୍ୟକ। କେତେକ ନିର୍ଦ୍ଦିଷ୍ଟ ଖଣି କମ୍ପାନୀକୁ ଛାଡିଦେଲେ ବହୁ କମ୍ପାନୀର ଖଣି ଭିତରେ ଥିବା ରାସ୍ତାରେ ଧୂଳି ଉଡୁଥିବାରୁ ଶ୍ରମିକମାନେ ରୋଗାଗ୍ରସ୍ତ ହେଉଛନ୍ତି। ଶ୍ରମିକମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉନାହିଁ। ଏହା ସହିତ ବହୁ ଖଣି ଯାନ୍ତ୍ରିକ ଖଣି ହୋଇଥିବାରୁ ମୁଖ୍ୟତଃ ସୁରକ୍ଷା ବ୍ୟବସ୍ଥା ଅଧିକ ହେବା ଉଚିତ। କିନ୍ତୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଖଣି କମ୍ପାନୀଗୁଡ଼ିକ ଆବଶ୍ୟକ ସୁରକ୍ଷା ସରଞ୍ଜାମ ମଧ୍ୟ ଯୋଗାଇ ଦେଉନାହାନ୍ତି। ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାରଙ୍କୁ ପଚାରିବାରୁ ଖଣି କମ୍ପାନୀମାନେ ଖର୍ଚ୍ଚ କାଟ୍ କରିବା ଆଳରେ କେବଳ ଠିକାଶ୍ରମିକ ନିଯୁକ୍ତିକୁ ଅଗ୍ରାଧିକାର ଦେଉଛନ୍ତି। ଏହି ସୁରକ୍ଷା ସପ୍ତାହ ପାଳନ ଅବସରରେ ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫଟି ଚାଇଁବସା ରିଜିଅନ୍ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନଥିଲା। ସେହିପରି ବହିଦାର କହିଛନ୍ତି ଯେ, ସମ୍ପୂର୍ଣ୍ଣ ଯାନ୍ତ୍ରିକ ଖଣି ଫଳରେ ଶ୍ରମିକ ନିଯୁକ୍ତି ପ୍ରାୟତଃ ଖଣିରେ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣେ ଅଜସ୍ର ଅର୍ଥ ବ୍ୟୟ କରି ଏହି ବ୍ୟୟବହୁଳ ଲୋକଦେଖାଣିଆ ସୁରକ୍ଷା ସପ୍ତାହ ପାଳନ କରିବାର ଯଥାର୍ଥତା ନାହିଁ ବୋଲି ସେ କହିଥିଲେ। ହାତଗଣତି ଠିକାଶ୍ରମିକଙ୍କୁ ନିଯୁକ୍ତି ଦେଇ ରାଜ୍ୟର ବେକାର ଯୁବତୀ ଓ ଯୁବକମାନଙ୍କୁ ଏହି ଭଳି ଉତ୍ସବ କରି ପରିହାସ କରାଯାଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଜେଡି ଯୁବ ସଭାପତି ମାନସ ଦାସ କହିଛନ୍ତି ଯେ, ୨୦୨୦ ମାର୍ଚ୍ଚ ମାସରେ ଖଣି ନିଲାମ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଖଣିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କାର୍ଯ୍ୟ କରୁଥିବା ଖଣି ଅଞ୍ଚଳର ଯୁବତୀଯୁବକ ନିଜର ରୋଜଗାରକୁ ନେଇ ସନ୍ଦିହାନରେ ଥିବାବେଳେ ଏହି ଭଳି ଆଡମ୍ବରପୂର୍ଣ୍ଣ କୋଟି କୋଟି ଟଙ୍କା ଅର୍ଥ ବ୍ୟୟରେ ଖଣି ସୁରକ୍ଷା ସପ୍ତାହ ପାଳନ କରିବା ନିନ୍ଦନୀୟ। ସେ ମତ ଦେଇ କହିଥିଲେ ଯେ, ସିଭିଲ୍ ସୋସାଇଟ୍ ଗଠନ କରି ଏହାର ବିରୋଧ କରିବା ଉଚିତ। ରବିବାର ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ସୁବ୍ରମଣ୍ୟମ ତାଙ୍କ ଭାଷଣରେ କହିଥିଲେ ଯେ, ଝାଡଖଣ୍ଡ ରାଜ୍ୟର ନୂଆମୁଣ୍ଡି ଅଞ୍ଚଳରୁ ଯୋଡା ଖଣି ଅଂଚଳକୁ ଆସିଲାବେଳେ ସେ କୁହୁଡି ଦେଖିଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ, ଏହା କୁହୁଡି ନୁହେଁ, ଧୂଳି। ଯାହାକି ସେ ପରୋକ୍ଷରେ ସ୍ୱୀକାର କରିଥିଲେ ଖଣି ଅଞ୍ଚଳରେ ପ୍ରଦୂଷଣର ମାତ୍ରା ଅଧିକ।

### ଏମ୍‌ଭିଆଇ ଚେକିଙ୍ଗରେ ଧରାପଡ଼ିଲେ ନିଶାସକ୍ତ ଡ୍ରାଇଭର

ହାଟଡିହୀ ୨୨।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ତରଫରୁ ଏମ୍‌ଭିଆଇ ଚେକିଙ୍ଗ ସମୟରେ ରମ୍ଭାସ ଠାରେ ଜଣେ ଡ୍ରାଇଭରଙ୍କୁ ଅଟକ ସହ ଟ୍ରକ ଜବତ ହୋଇଛି। ଡ୍ରାଇଭର ହେଉଛନ୍ତି ଛେନାପଦୀର ଆନନ୍ଦ ଜେନା। ଟ୍ରକଟିରେ ବାଲିବୋଝେଇ ହୋଇ ହାଟଡିହୀ ଅଭିମୁଖେ ଆସୁଥିଲା। ମିଳିଥିବା ସୂଚନା ମୁତାବକ ଡ୍ରାଇଭର ଜଣଙ୍କ ବେପରୁଆ ଭାବେ ଟ୍ରକ ଚଳାଉଥିଲେ। ଗାଡିକୁ ଅଟକାଇ ଡ୍ରାଇଭରଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଡ୍ରାଇଭର ନିଶାସକ୍ତ ଥିବା ଜଣା ପଡିଥିଲା। ଅଟକ ଟ୍ରକକୁ ସ୍ଥାନୀୟ ଗ୍ରାମରକ୍ଷୀଙ୍କ ହେପାଜତରେ ରଖା ଯାଇଥିଲା। କିନ୍ତୁ ଗାଡି ମାଲିକ ଗ୍ରାମରକ୍ଷୀଙ୍କୁ ଧମକାଇ ଟ୍ରକଟିକୁ ନେଇଯାଇଥିଲେ। ବାଲି ଗାଡିଟି ଫେରାର ହେଇଯାଉଥିବା ଖବର ପାଇ ଭାରପ୍ରାପ୍ତ ଥାନା ଅଧିକାରୀ ପରେଶ ମହାନ୍ତି ଓ ଏସ୍‌ଆଇ ରଞ୍ଜିତ ପଟ୍ଟନାୟକ ସୋସୋ ଥାନା ଅଞ୍ଚଳରୁ ବାଲି ବୋଝେଇ ଟ୍ରକକୁ ଧରି ନନ୍ଦିପଦା ଥାନାକୁ ଆଣି ରଖିଛନ୍ତି। ଏଥିସହ ବାଲି ପରିବହନ ସମ୍ବନ୍ଧୀୟ ଟ୍ରାନ୍‌ଜିଟ ପାସ୍ ମଧ୍ୟ ନ ଥିଲା। ପୋଲିସ ଏମଭିଆଇ ଆକ୍ଟ ଅନୁସାରେ ନନ୍ ଏଫଆଇଆରରେ ଏକ ମାମଲା (ନଂ ୧/୨୦୧୯) ରୁଜୁ କରିଛି। ବର୍ଷ ଶେଷ ହେବାକୁ ବସିଥିବା ବେଳେ ଏମଭିଆଇ ଆକ୍ଟ ନନ୍ ଏଫଆଇଆର ଅନୁସାରେ ନନ୍ଦିପଦା ଥାନା ଅଞ୍ଚଳରେ ଏହା ପ୍ରଥମ ମାମଲା ଅଟେ।

## ବିପଦସଙ୍କୁଳ ଘରେ ଚାଲିଛି ଟେଲିଫୋନ ଏକ୍ସଚେଞ୍ଜ

କେନ୍ଦୁଝର ୨୨।୧୨ (ସ୍ୱ.ପ୍ର.)



ବିପଦସଙ୍କୁଳ ଘରେ ଚାଲିଥିବା ଟେଲିଫୋନ ଏକ୍ସଚେଞ୍ଜ।

କେନ୍ଦ୍ରସରକାରଙ୍କ ଅଧୀନରେ ଥିବା ଟେଲିଫୋନ ବିଭାଗରେ କୋଟିକୋଟି ଟଙ୍କା ଉପଭୋକ୍ତା ମାନଙ୍କ ଠାରୁ ଆଦାୟ ହେଉଥିଲେ ମଧ୍ୟ ବିଭାଗର ଏକ ଏକ୍ସଚେଞ୍ଜ ଭଙ୍ଗା ଦଦରା ବିପଦ ସଙ୍କୁଳ କୋଠାରେ ଚାଲିଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲାର ଅନ୍ୟତମ ପୁରାତନ ପଳାଶପଙ୍ଗା ଟେଲିଫୋନ ଏକ୍ସଚେଞ୍ଜ। ୧୯୮୨ ମସିହାରେ ଏଠାରେ ଏସିଆ ମହାଦେଶର ପ୍ରଥମ ସ୍ପଞ୍ଜ କାରଖାନା ଗଢି ଉଠିଥିଲା। ସେତେବେଳେ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହି ଟେଲିଫୋନ ଏକ୍ସଚେଞ୍ଜ ପ୍ରତିଷ୍ଠା ହୋଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହି ଟେଲିଫୋନ ଏକ୍ସଚେଞ୍ଜଟି ବିପଦସଙ୍କୁଳ ଘରେ ଚାଲିଛି। କୋଠା ଉପର ଛାତ ବର୍ଷାଦିନରେ ପିଚୁ ମ୍ୟାଟ ପକାଯାଇ କାମଚଳାଯାଉଛି। ସେହିପରି ଝରକା, କବାଟ ଆଦି ଭାଙ୍ଗିରୁଜି ଯାଇଥିବାରୁ ପ୍ୟାଚ୍ ମାରି କାମ ଚଳାଯାଉଛି। ମୂଲ୍ୟବାନ ଯନ୍ତ୍ରପାତି ଓ ସରଞ୍ଜାମ ଥିବାରୁ ନଷ୍ଟ ହୋଇଯିବା ଏବଂ ଚୋରି ହେବା ଆଶଙ୍କା ରହୁଛି। ସେହିପରି କୋଠାଟି ଭୁଶୁଡ଼ି ପଡିଲେ ମୂଲ୍ୟବାନ ଯନ୍ତ୍ରପାତି ନଷ୍ଟ ହେବ ବୋଲି ମତ ପ୍ରକାଶ ପାଉଛି। ଉପଯୁକ୍ତ ସେବା ମିଳୁ ନ ଥିବାରୁ ବିଏସଏନଲ ଉପରୁ ଲୋକଙ୍କ ଭରସା ତୁଟିବାକୁ ବସିଥିବା ବେଳେ ବହୁ ଏକ୍ସଚେଞ୍ଜ ବନ୍ଦ ହୋଇଗଲାଣି। ତଥାପି ବହୁ ଉପଭୋକ୍ତା ଏହି ସେବା ଛାଡି ପାରୁନାହାନ୍ତି। ଏଣୁ ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ଅନାଥ ତ୍ରିଲୋଚନ ଏବେ ଅସହାୟ

ତେଲକୋଇ, ୨୨।୧୨(ଡି.ଏନ.ଏ.)



ଅସହାୟ ତ୍ରିଲୋଚନ।

ତେଲକୋଇ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ବ୍ଲକ ଅଧ୍ୟକ୍ଷ ପଦବୀ ଆଦିବାସୀ ସଂରକ୍ଷିତ ହୋଇଥିଲେ ମଧ୍ୟ ଏହି ବ୍ଲକରେ ଆଦିବାସୀ ସବୁଠୁ ବେଶୀ ଅବହେଳିତ। ବିଗତ ଦିନରେ ଏହାର ବହୁ ଉଦାହରଣ ସାମ୍ନାକୁ ଆସିଥିବା ବେଳେ ଖୋଦ୍ ବ୍ଲକ ଅଧ୍ୟକ୍ଷଙ୍କ ଗ୍ରାମରେ ଜଣେ ଆଦିବାସୀ ନାବାଳକ ମା' ବାପାଙ୍କୁ ହରାଇବା ପରେ ପାଠ ପଢାରେ ଡୋରି ବନ୍ଧାହୋଇଛି। ଘଟଣାନୁଯାୟୀ ତେଲକୋଇ ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମର ମୁଣ୍ଡା ସାହି (ଡ୍ୟାମ୍ ସାହି)ରେ ୪ଜଣ ପୁଅ ଝିଅ ତେବେ ଅନ୍ୟ ଭାଇ ଭଉଣୀ ମାନେ ବିବାହ କରିସାରିଥିବା ବେଳେ ସାନ ଭାଇ ତ୍ରିଲୋଚନ ମୁଣ୍ଡା(୧୩) ଜୀବନରେ ଏକାକୀ ହୋଇପଡିଛନ୍ତି। ଅର୍ଥାଭାବରେ ପଡି ସପ୍ତମ ଶ୍ରେଣୀରୁ ପାଠ ଛାଡିବାକୁ ବାଧ୍ୟ ହୋଇଛନ୍ତି ତ୍ରିଲୋଚନ। ଏହା ସହିତ ସେ ଏବେ ନିଜ ରହିବା ପାଇଁ ନିଜେ ମାଟି ଚକଟି ନିଜ କୋମଳ ହାତରେ ଏକ ଛୋଟ ନୁଆଁଣିଆ ମାଟି ଘର ତିଆରି କରୁଥିବାର ଦେଖିବାକୁ ମିଳିଛି। ପାଠ ପଢା ଛାଡିବା ବିଷୟରେ ପଚାରିବାରୁ କୋହଭରା କଣ୍ଠରେ ସେ କହିଥିଲେ ଯେ ପାଠ ପଢିବାକୁ ବହୁତ ମନ ଥିଲେ କଣ ହେବ ମୋ ପାଖରେ ପଇସା ନାହିଁ। ମା'ବାପାଙ୍କ ରାଶନ କାର୍ଡରେ ମିଳୁଥିବା ଚାଉଳକୁ ଭରସା କରିଛି କିନ୍ତୁ ରାଶନ କାର୍ଡଟି ହଜିଯାଇଥିବାରୁ ଆଗକୁ କିପରି ବଞ୍ଚିବି ବୋଲି ଅଶଙ୍କାରେ ଥିବା ତ୍ରିଲୋଚନ କହିଛନ୍ତି। ରାଶନ କାର୍ଡ ବାବଦରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ଆସନ୍ତା ସପ୍ତାହରେ ତାଙ୍କୁ ଦେଖା କଲେ ଏହାର ବ୍ୟବସ୍ଥା କରିବେ ବୋଲି କହିଥିଲେ। ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ ତୁରନ୍ତ ତାଙ୍କ ପାଖକୁ ଯାଇ ଆବଶ୍ୟକ ସହାୟତା ଦିଆଯିବ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କିକୋଟ, ୨୨।୧୨(ଡି.ଏନ୍.ଏ.)

ଘଟଗାଁ ବ୍ଲକ ଢେଙ୍କିକୋଟ ପଞ୍ଚାୟତ ଟିକିରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ଶନିବାର ପୂର୍ବାହ୍ଣରେ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଆୟୋଜିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସୌଦାମିନୀ ପରିଡ଼ା ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ଘଟଗାଁ ତହସିଲର ନବନିଯୁକ୍ତ ତହସିଲଦାର ଜନକ କୁମାର ନାୟକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ସମ୍ମାନନୀୟ ଅତିଥି ଭାବେ ଘଟଗାଁ ଶିକ୍ଷାଜିଲା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ଢେଙ୍କିକୋଟ ବିକାଶ ମଞ୍ଚର ସଭାପତି ପ୍ରଫେସର ଯୁଗଳ କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମୋନିକା ଦାଶ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ଦାଶ ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଘଟଗାଁ ରାଣୀ ମା' ତାରିଣୀଙ୍କ ଫଟୋଚିତ୍ରରେ ଧୂପଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅତିଥିମାନଙ୍କୁ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବିକା, ଅଭିଭାବକମାନଙ୍କୁ ଅଭିଭାଷଣ ମାଧ୍ୟମରେ ଶିକ୍ଷା ଏକ ଶୃଙ୍ଖଳିତ ଜୀବନ। ଶିକ୍ଷାଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ଖାଲି ଶିକ୍ଷାକ୍ଷେତ୍ରରେ ଅଗ୍ରାଧିକାର ସ୍ଥାନରେ ପହଞ୍ଚିଲେ ହେବ ନାହିଁ। ସେମାନଙ୍କୁ ଶୃଙ୍ଖଳିତ ଜୀବନ ଶିକ୍ଷିତ କରିବ ନମ୍ର, ପିତାମାତା, ଗୁରୁଜନ, ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କଥାମାନି ସଠିକ୍ ଦିଗରେ ଯିବା ଶୃଙ୍ଖଳିତ ବୋଲି କୁହାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଉତ୍ସବକୁ ସହଯୋଗ କରିଛନ୍ତି।

## ବସ ମାଲିକ ସଂଘର ସାଧାରଣ ସଭା




ବୈଠକରେ ଉପସ୍ଥିତ ବସ୍ ମାଲିକ ସଂଘର କର୍ମକର୍ତ୍ତା।

ଚମ୍ପୁଆ, ୨୨।୧୨(ଡି.ଏନ.ଏ)

ଚମ୍ପୁଆ ସଖିକଲ୍ୟାଣ ମଣ୍ଡପଠାରେ କେନ୍ଦୁଝର ଜିଲା ୯ନମ୍ବର ଜୋନର ବସ ମାଲିକ ସଂଘଙ୍କ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଶାନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଚମ୍ପୁଆ ବସ ମାଲିକ ସଂଘର ସଭାପତି ନବିନ କୁମାର ସେଠି, ଚମ୍ପୁଆ ବସ ମାଲିକ ସଂଘ ସମ୍ପାଦକ ଉତ୍ତମ କୁମାର କର, କେନ୍ଦୁଝର ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ସିଂଘାଦ୍ରି ବିହାରି ସାହୁ, ଆନନ୍ଦପୁର ସଭାପତି ନିର୍ମଳ କୁମାର ମିଶ୍ର, କରଞ୍ଜିଆ ସଭାପତି ଅରୁଣ କୁମାର ଅଗ୍ରୱାଲ ଆଦି ଉପସ୍ଥିତ ଥିଲେ। ଏଥିରେ ଚମ୍ପୁଆ, ଆନନ୍ଦପୁର, କେନ୍ଦୁଝର, କରଞ୍ଜିଆର ପ୍ରାୟ ୬୯ଜଣ ବସମାଲିକ ଉପସ୍ଥିତ ଥିଲେ। ଓଡିଶା ବସ ସଂଘର ଆସନ୍ତା ଫେବୃୟାରୀ ୨ରେ ପୁରୀରେ ନିର୍ବାଚନ ଥବାରୁ ଉକ୍ତ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସଭାକୁ ଚମ୍ପୁଆ ବସମାଲିକ ସଂଘ ସମ୍ପାଦକ ଉତ୍ତମ କୁମାର କର ପରିଚାଳନା କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଘସିପୁରା, ୨୨।୧୨(ଡି.ଏନ.ଏ.)

ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଶୈଳଙ୍ଗ ଠାରେ ୨୪ତମ ନୀଳମାଧବ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କ୍ଲବ ସଭାପତି ରଞ୍ଜନ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ବିଚିତ୍ର କୁମାର ଚକ୍ର, ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ମନମୋହନ ସା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ସାତକୋଶିଆ, କାଶିପୁର, ବ୍ରାହ୍ମଣୀପାଳ, ରାଶୋଳ ଓ ବାୟାବାବା କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କ୍ଲବ ସଦସ୍ୟ ପ୍ରତିରଞ୍ଜନ ସା, ଚନ୍ଦନ ପୁହାଣ, ଅକ୍ଷୟ ସା, ଅକ୍ଷୟ ମୁଦୁଲି, ମାନସ ସେଠି, ସୁରେଶ ସାହୁ, ପ୍ରମୋଦ ସାହୁ, ସନ୍ତୋଷ ଦେହୁରୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।



ଖେଳାଳିଙ୍କ ସହିତ ଉପସ୍ଥିତ ଅତିଥି।

## ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଜଗା ୟୁନାଇଟେଡ ଭୁବନେଶ୍ୱର ଚାମ୍ପିୟନ

ଆନନ୍ଦପୁର, ୨୨।୧୨(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ତରତରା ଖେଳପଡିଆ ଠାରେ ରବିବାର ଅପରାହ୍ଣରେ ୨୧ ତମ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ତରତରା ସରପଞ୍ଚ ଜିତେନ୍ଦ୍ର ସାମଲ, ଟିଭି ଧାରାବାହିକ ଅଭିନେତ୍ରୀ ତନୁଜା ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଜଗା ୟୁନାଇଟେଡ ଭୁବନେଶ୍ୱର ଏବଂ ରାଜଧାନୀ କ୍ଲବ ୭୩ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଜଗା ୟୁନାଇଟେଡ ଭୁବନେଶ୍ୱର ୨-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା। ଶିବ ପ୍ରସାଦ ଦାସ ମୁଖ୍ୟ ରେଫେରୀ ଭାବେ ଖେଳ ପରିଚାଳନା କରିଥିବାବେଳେ ଅବିନାଶ ପଟ୍ଟନାୟକ, ଲାକ୍ଷ୍ମୀ ପ୍ରସାଦ ସହକାରୀ ରେଫେରୀ ଭାବେ ଖେଳ ପରିଚାଳନା କରିଥିଲେ। ଚତୁର୍ଥ ରେଫେରୀ ଭାବେ ଦିଗବିଜୟ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାରମ୍ଭରୁ ଖେଳ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା। ଟୁର୍ନାମେଣ୍ଟର ସମ୍ପାଦକ ସୁବ୍ରତ ସାମଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖେଳପଡିଆରେ କ୍ଲବର ସଦସ୍ୟ ସୁଶାନ୍ତ ସାମଲ, ସୁରେଶ ଧଳ, ମନ୍ଦର ଜେନା, ବସନ୍ତ ଜେନା, ଜଗା ବେହେରା ପ୍ରମୁଖ ଉପସ୍ଥିତ ରହି ସହକାରୀ ଦାୟିତ୍ୱ ନିର୍ବାହ କରିଥିଲେ।



ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍ ସହ ଉପସ୍ଥିତ ଅତିଥି।

## ବିନା ଅଗ୍ନିନିର୍ବାପକ ବ୍ୟବସ୍ଥାରେ ଚାଲିଛି ବିଭିନ୍ନ ମଲ୍

# ମାନବାଧିକାର କମିଶନରେ ମାମଲା ରୁଜୁ

କେନ୍ଦୁଝର, ୨୨।୧୨ (ସ୍ୱ.ପ୍ର.)

କେନ୍ଦୁଝର ସହରରେ ବହୁ ସଂଖ୍ୟାରେ ସପିଂ ମଲ ଠାରୁ ଆରମ୍ଭ କରି ବ୍ୟବସାୟିକ ସଂସ୍ଥା, ସିନେମା ହଲ, ଶିକ୍ଷାନୁଷ୍ଠାନ ଆଦି ବିନା ଅଗ୍ନିନିର୍ବାପକ ବ୍ୟବସ୍ଥାରେ ଚାଲିଛି। ଫଳରେ ଲୋକଙ୍କ ମୂଲ୍ୟବାନ ଜୀବନ ବିପଦରେ ରହୁଛି। ତେବେ ଲୋକଙ୍କ ଜୀବନକୁ ଫୁ କରି ବ୍ୟବସାୟିକ ଲାଭ କରିବା ପାଇଁ ଏହି ସବୁ ସଂସ୍ଥା ଚାଲିଥିଲେ ହେଁ ଅଗ୍ନିସେବା ବିଭାଗ ଏସବୁ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବନ୍ଦ କରିବା ବଦଳରେ ନୋଟିସ ଦେଇ ଖାମଖିଆଲ ମନୋଭାବ ପ୍ରଦର୍ଶନ କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ମଧ୍ୟ ଜିଲା ପ୍ରଶାସନର ମଧ୍ୟ ଚେତାପଶୁନାହିଁ। ଫଳରେ ଆଗାମୀ ଦିନରେ କୌଣସି ଅଘଟଣ ଘଟିଲେ ପ୍ରଶାସନ ଓ ଅଗ୍ନିସେବା ବିଭାଗ ସମପରିମାଣରେ ଦାୟୀ ରହିବେ ବୋଲି ମତ ପ୍ରକାଶ ପାଉଛି।

ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟ ଅନୁଯାୟୀ ଏହି ସବୁ ସଂସ୍ଥା ଦୀର୍ଘ ବର୍ଷ ହେଲା ବିନା ସୁରକ୍ଷା ବ୍ୟବସ୍ଥାରେ ଚାଲିଆସୁଛି ଏବଂ ବିଭାଗ ନୋଟିସ କରି ଚୁପ ହୋଇ ବସିଛି। ଏପରିକି ବାରମ୍ବାର ନୋଟିସ ଦେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଣୁ ଏହା ଦ୍ୱାରା ମାନବିକ ଅଧିକାର କ୍ଷୁର୍ଣ୍ଣ ହେବା ସହ ବିପଦର କାରଣ ହେବାକୁ ଥିବାରୁ ହିମାଂଶୁ ଶେଖର ନାଏକ, ଜଣେ ମାନବାଧିକାର କର୍ମୀ ଜାତୀୟ ମାନବାଧିକାର କମିଶନ ନିକଟରେ ଏକ ମାମଲା ରୁଜୁ କରିଛନ୍ତି। ପ୍ରକାଶିତ ଖବରକୁ ଭିତ୍ତି କରି ଏହି ମାମଲା ରୁଜୁ କରିଥିବା ଜଣାପଡିଛି। କମିଶନ ଏହାକୁ ଡାଏରୀ ନମ୍ବର ୧୫୧୪୬/ଆଇଏନ/୨୦୧୯ରେ ଗ୍ରହଣ କରିଛନ୍ତି। ଓଡିଶା ଫାୟାର ପ୍ରିଭେନସନ ଆଣ୍ଡ ଫାୟାର ସେଫଟି ରୁଲ ୨୦୧୭ ଅନୁଯାୟୀ ବିଭିନ୍ନ ସଂସ୍ଥାକୁ ଯାଉଥିବା ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଉଚିତ। ଏନେଇ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବା ଉଚିତ ଏବଂ ଏନେଇ ପାଇଥିବା ଅଗ୍ନି ସେବା ବିଭାଗ ପକ୍ଷରୁ ମିଳିଥିବା ପ୍ରମାଣପତ୍ରକୁ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ କରିବା ଆବଶ୍ୟକ।